visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.162 Bhubaneswar Saturday Auguest 13 2022 ୨୫ତମ ବର୍ଷ ସଂଖ୍ୟା–୧୬୨ ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଏଣିକି ଘରଭଡା ଉପରେ ଲାଗିବ ୧୮ ପ୍ରତିଶତ ଜିଏସଟି



ନୂଆଦିଲ୍ଲୀ, ୧୨।୮(ପି.ଏନ): ଏଣିକି ଘରଭଡା ଉପରେ ଲାଗିବ ଦ୍ରବ୍ୟ ଏବଂ ସେବା କର ବା ଜିଏସଟି। ଘର ଭଡାରେ ଲାଗିବ ୧୮ ପ୍ରତିଶତ ଜିଏସଟି। ଜୁଲାଇ ୧୮ରୁ ଲାଗୁ ହୋଇଥିବା ନୂଆ ଜିଏସଟି ନିୟମରେ ଏହା ରହିଛି। କିନ୍ତୁ ଏହି ଜିଏସଟି ସବୁ ଘର ଭଡାଟିଆଙ୍କୁ ଦେବାକୁ ପଡିବନି। କେବଳ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଘର ଉପରେ ଜିଏସଟି ଲାଗିବ। ଶୁକ୍ରବାର ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି କେନ୍ଦ୍ର ସରକାର। କୌଣସି ଘରୋଇ (ପ୍ରାଇଭେଟ) ଲୋକ ତଥା ବ୍ୟକ୍ତିଗତ ବ୍ୟବହାର ପାଇଁ ଏହି କର ଲାଗୁ ହେବ ନାହିଁ। ପ୍ରାଇଭେଟ କିମ୍ବା ବ୍ୟକ୍ତିଗତ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିଲେ ସେମାନଙ୍କୁ ବାଦ ଦିଆଯିବ। ବ୍ୟବସାୟିକ ଉଦ୍ଦେଶ୍ୟରେ ଘର ଭଡା କାରବାର ନେଇ ଜିଏସଟିରେ ପଞ୍ଜିକରଣ କରିବାକୁ ନୂଆ ନିୟମ ହୋଇଛି।ଘର ମାଲିକ କିମ୍ବା ଜମି ମାଲିକଙ୍କୁ ଏହି ଜିଏସଟି ଦେବାକୁ ପଡିବନି। ରିଜର୍ଭ ଚ଼ାର୍ଜ ମେକାରନିଜିମ ଅଧୀନରେ ୧୮ ପ୍ରତିଶତ ଜିଏସଟି ଦେବାକୁ ପଡିବ। ବ୍ୟବସାୟିତ କ୍ଷେତ୍ରରେ ବ୍ୟକ୍ତିଙ୍କ ବାର୍ଷିକ ସ୍ୱରୀକୃତ ଟର୍ଣ୍ଣଓଭର ଅନୁଯାୟୀ ଏହି ଜିଏସଟି ସ୍ଥିର ହେବ। ଏହି ନୂଆ ନିୟମ କମ୍ପାନୀ ତଥା ଯେଉଁମାନେ ଘର ଭଡା ନେଇ ବ୍ୟବସାୟ ଚ଼ଳାଉଛନ୍ତି ସେମାନଙ୍କ ଉପରେ ପ୍ରଭାବ ପକାଇବ। ବିଶେଷ କରି ବ୍ୟବସାୟିକ ଉଦ୍ଦେଶ୍ୟରେ ଅଫିସ ଏବଂ ଗୋଦାମ ଘର ପାଇଁ ନେଇଥିବା ଘର ଉପରେ ଜିଏସଟି ଲାଗିବ।

## ହୀରାକୁଦର ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ

ଭୁବନେଶ୍ୱର, ୧୨।୮(ପି.ଏନ): ହୀରାକୁଦ ଡ୍ୟାମରେ ପୁଣି ୬ଟି ଗେଟ୍ ଖୋଲାଯାଇଛି। ଆଜି ସକାଳେ ୪ଟି ଗେଟ୍ ଖୋଲିଥିବା ବେଳେ ପରେ ୬ଟି ଗେଟ୍ ଖୋଲିଛି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ମୋଟ ୨୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି। ଦିନ ୧୨ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ୬୧୫.୮୯ ଫୁଟ୍ ରହିଥିଲା। ରାଜ୍ୟରେ ପ୍ରବଳ ବର୍ଷା ଜନିତ ସମ୍ଭାବ୍ୟ ବନ୍ୟା ସ୍ଥିତି ନେଇ ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ବିଜୟ କୁମାର ମିଶ୍ର କହିଛନ୍ତି ସବୁ ନଦୀର ଜଳସ୍ତର ବଢ଼ିଛି, କିନ୍ତୁ ବିପଦ ସଂକେତ ତଳେ ରହିଛି। କେବଳ ଜଳକା ନଦୀ ଯାହା ବିପଦ ସଂକେତ ଉପରେ ରହିଛି। ମୁଣ୍ଡଳିରେ ଆଜି ୩.୪୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଏବେ ହୀରାକୁଦର ୨୦ଟି ଗେଟ୍ ଖୋଲିଛି, ସେ ପାଣି ଏଯାଏ ଆସିନି। ହୀରାକୁଦ ପାଣି ଆସିଲା ବେଳକୁ, ଏ ପାଣି ଖସି ଯାଇଥିବ। ତେଣୁ ସେଭଳି କିଛି ଚିନ୍ତାଜନକ ସ୍ଥିତି ନାହିଁ। ଛତିଶଗଡ଼ରେ ମଧ୍ୟ ବର୍ଷାର ପ୍ରଭାବ କମିଛି। ଏବେ ହୀରାକୁଦକୁ ୪ କ୍ୟୁସେକ୍ ଜଳ ପ୍ରବାହ ହେଉଛି। ତଥାପି ବିଭାଗୀୟ କର୍ମଚାରୀ ସଜାଗ ରହିଛନ୍ତି। ଆଲର୍ଟ ରହିବାକୁ କୁହାଯାଇଛି। ଅପରପକ୍ଷରେ ମହାନଦୀ ଶଯ୍ୟା ହୀରାକୁଦ ତଳ ଅଂଚଳର ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ । ହୀରାକୁଦ ଡ୍ୟାମ୍ ର ତଳିଆ ଅଂଚଳକୁ ଜଳ ପ୍ରବାହ ତୀବ୍ର ରହିଛି। ତେଣୁ ସାଧାରଣ ଜନତା ସତର୍କ ରହନ୍ତୁ ବୋଲି ସେ କହିଛନ୍ତି। ଏଥି ସହିତ ତଳିଆ ଅଂଚଳରେ ନଦୀକୁ ନଯିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।ଗତକାଲି ହୀରାକୁଦ ଜଳଭଣ୍ଡାରରେ ୨ଟି ପର୍ଯ୍ୟାୟରେ ୧୦ଟି ଗେଟ୍ ଖୋଲାଯାଇଥିଲା। ପ୍ରଥମେ ଦିନ ୧୧ଟାରେ ୫ଟି ଏବଂ ଅପରାହ୍ଣ ୩ଟାରେ ଆଉ ୫ଟି ଗେଟ୍ ଖୋଲାଯାଇଥିଲା। ଛତିଶଗଡ଼ ଓ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦକୁ ଅଧିକ ପାଣି ଆସିଥିଲା। ଫଳରେ ଡ୍ୟାମର ଜଳପତନ ବୃଦ୍ଧି ପାଇଥିଲା।

## ବିବାହ ପୂର୍ବରୁ କେଉଁ କମ୍ପାନୀରେ କାମ କରୁଥିଲେ ତେଜସ୍ୱୀଙ୍କ ପତ୍ନୀ



ପାଟନା, ୧୨।୮(ପି.ଏନ): ଚ଼ର୍ଚ୍ଚାରେ ବିହାର ଉପ-ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ। ଦ୍ୱିତୀୟ ଥର ପାଇଁ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ତେଜସ୍ୱୀ ଯାଦବଙ୍କ ପ୍ରେମକାହାଣୀ ସମ୍ପର୍କରେ ଖୁଲାସା କରିବା ପରେ ଲାଇଫପାର୍ଟନରଙ୍କୁ ନେଇ ମଧ୍ୟ ଚ଼ର୍ଚ୍ଚା ଜୋର ଧରିଛି। ତେଜସ୍ୱୀ ଯାହାଙ୍କୁ ଭଲ ପାଉଥିଲେ, ତାଙ୍କୁ କେମିତି ବାହା ହେଲେ, କ'ଣ ଥିଲା ତାଙ୍କ ବାପା ଲାଲୁ ପ୍ରସାଦ ଯାଦବଙ୍କ ପ୍ରତିକ୍ରିୟା ତାହା ସେ ଏକ ସାକ୍ଷତକାରରେ କହିଛନ୍ତି । ଗତବର୍ଷ ବିବାହ କରିଥିବା ତେଜସ୍ୱୀ କହିଛନ୍ତି- ଯାହାଙ୍କୁ ବିବାହ କରିଛି ସେ ଖ୍ରୀଷ୍ଟିଆନ୍ ? । ତେବେ ତେଜସ୍ୱୀଙ୍କ ପତ୍ନୀ ରଚେଲ ଗୋଡିନହୋଙ୍କ ବିଷୟରେ ମଧ୍ୟ ଆଉ କିଛି ରୋଚ଼କ ତଥ୍ୟ ଆସିଛି। ତେଜସ୍ୱୀଙ୍କ ପତ୍ନୀ ରଚେଲ ଗୋଡିନହୋଙ୍କ ଘର ହେଉଛି ହରିୟାଣାର ରିୱାଡି ଅଞ୍ଚଳର। ରଚେଲ ତାଙ୍କ ପରିବାର ସହ ଦିଲ୍ଲୀରେ ରୁହନ୍ତି। ଉଭୟ ରଚେଲ ଏବଂ ତେଜସ୍ୱୀ ଦିଲ୍ଲୀରେ ଗୋଟିଏ ସ୍କୁଲରେ ପ ?ୁଥିଲେ।୩୦ ବର୍ଷୀୟ ରଚେଲଙ୍କ ବାପା ଦିଲ୍ଲୀର ଜଣେ ଅବସରପ୍ରାପ୍ତ ସ୍କୁଲର ପ୍ରିନ୍ସପାଲ। ବିବାହ ପୂର୍ବରୁ ରଚେଲ ଦିଲ୍ଲୀର ସିଭିଲ ଆଭିଏସନ ଇଣ୍ଡଷ୍ଟ୍ରିର ଜଣେ କ୍ରୁ ମେମ୍ବର ଭାବେ କାର୍ଯ୍ୟ କରିଛନ୍ତି। ଲାଲୁ ଯାଦବଙ୍କ ସାନ ପୁଅ ତେଜସ୍ୱୀ ରଚେଲଙ୍କୁ ଗତ ଡିସେମ୍ବର ମାସରେ ବିବାହ କରିଥିଲେ। ବିବାହ ପୂର୍ବରୁ ରଚେଲଙ୍କ ସାମାଜିକ ପ୍ରତିଷ୍ଠା ଏତେ ଉଚ୍ଚ ନଥିଲା। ତାଙ୍କ ସ୍ୱାମୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ସେ କେବଳ ଗୋଟିଏ ବାକ୍ୟ କହିଥିଲେ। ତାହା ହେଉଛି 'ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି।'ବିବାହ ପରେ ରଚେଲ ଗୋଡିନହୋରୁ ରାଜଶ୍ରୀ ନାମକୁ ପରିବର୍ତ୍ତନ କରିଥିଲେ। ଗତ ବର୍ଷ ନୂଆଦିଲ୍ଲୀରେ ହୋଇଥିବା ବିବାହ ଉତ୍ସବରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ବିବାହରେ ପ୍ରାୟ ୫୦ ଜଣ ଘନିଷ୍ଠ ବନ୍ଧୁ ଏବଂ ପରିବାର ଉପସ୍ଥିତ ଥିଲେ। ତେଜସ୍ୱୀ ୯ ଭାଇଭଉଣୀଙ୍କ ମଧ୍ୟରୁ ସାନ। ତାଙ୍କର ସାତ ଭଉଣୀ ଏବଂ ବଡ ଭାଇ ତେଜ ପ୍ରତାପ ଅଛନ୍ତି। ଗତକାଲି ତେଜସ୍ୱୀ କହିଥିଲେ ଯେ, ଆମେ ପ୍ରଥମେ ପ୍ରେମରେ ପଡିଥିଲୁ। ଦୁହିଁଙ୍କୁ ଡେଟିଂ କରିଥିଲୁ। ଯେତେବେଳେ ବିବାହ କଥା ଉଠିଲା, ମୁଁ ଘରେ ପ୍ରସ୍ତାବ ରଖିଥିଲି। ମୋ ବାପାଙ୍କୁ କହିଥିଲି, ମୁଁ ଯାହାକୁ ଭଲ ପାଉଛି ସେ ଜଣେ ଖ୍ରୀଷ୍ଟିଆନ। ମୋ ବାପା କହିଥିଲେ କିଛି ଅସୁବିଧା ନାହିଁ। ଏହା ସହିତ ସେ ଆମ ବାହାଘର ପାଇଁ ରାଜି ଥିବା କହିଥିଲେ। ସାକ୍ଷାତକାରରେ ଜେତସ୍ୱୀ କହିଥିବା କଥାକୁ ନେଇ ଏବେ ବିହାରରେ ବେଶ ଚ଼ର୍ଚ୍ଚା।

## ହେମନ୍ତ ସୋରେନଙ୍କ ସହ ଜଡିତ ମାଇନିଙ୍ଗ ଲିଜ୍ କେସ୍‌ରେ ସୁପ୍ରିମ କୋର୍ଟରେ ୧୭କୁ ଶୁଣାଣୀ

ନୂଆଦିଲ୍ଲୀ, ୧୨।୮(ପି.ଏନ): ସୁପ୍ରିମ କୋର୍ଟ ମାଇନିଙ୍ଗ ଲିଜ୍ ମାମଲାରେ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବିରୋଧରେ ଝାଡଖଣ୍ଡ ହାଇକୋର୍ଟରେ ଚାଲୁଥିବା ମାମଲାକୁ ଚ୍ୟାଲେଂଜ କରି କରା ଯାଇଥିବା ଆବେଦନ ଉପରେ ୧୭ ଅଗଷ୍ଟକୁ ଶୁଣାଣୀ କରିବ। କୋର୍ଟ ସମସ୍ତ ପକ୍ଷରୁ କାଗଜପତ୍ର ଦାଖିଲ କରିବାର ନିର୍ଦ୍ଦେଶ ଦେଇଛନ୍ତି।ତିନି ଜୁନ୍‌କୁ ଝାଡଖଣ୍ଡ ହାଇକୋର୍ଟ ହେମନ୍ତ ସୋରେନଙ୍କ ବିରୋଧରେ ଦାୟର ଆବେଦନର ଶୁଣାଣୀଯୋଗ୍ୟ ହେବାର ମାମଲାରେ ରାୟ ଶୁଣାଇ ଥିଲେ । ଝାଡଖଣ୍ଡ ହାଇକୋର୍ଟ ରାଜ୍ୟ ସରକାରର ଏହି ଦଲିଲକୁ ଖାରିଜ କରିଦେଇଥିଲେ ଯେ ଆବେଦନ ଦାଖିଲ କରି ସମୟ ଝାଡଖଣ୍ଡ ହାଇକୋର୍ଟର ନିୟମାବଳୀର ପାଳନ କରାଯାଇ ନାହିଁ।

## ବିପଦରେ ରତ୍ନଭଣ୍ଡାର ମରାମତି ଦାବି

ପୁରୀ, ୧୨।୮(ପି.ଏନ): ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ପ୍ରସଙ୍ଗ ଏବେ ନୂଆ ମୋଡ଼ ନେଇଛି । ବିପଦପୂର୍ଣ୍ଣ ଅବସ୍ଥାରେ ରତ୍ନଭଣ୍ଡାର ସ୍ଥିତି ଥିବାରୁ ଏହାର ମରାମତି ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ( ଏ ଏସ ଆଇ ) ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଥିଲା । ଚଳିତମାସ ୮ ତାରିଖରେ ଏ ଏସ ଆଇ ପକ୍ଷରୁ ଏହି ଚିଠି କରାଯାଇ ଭିତର ରତ୍ନଭଣ୍ଡାର ଅନୁଧ୍ୟାନ ପାଇଁ ଅନୁମତି ମଗା ଯାଇଥିଲା । ଶ୍ରୀମନ୍ଦିର ପ୍ରଶାସନର ଜବାବ ଅନୁଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏ ଏସ ଆଇ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ପାଇଁ ୨୦୧୮ ମାର୍ଚ୍ଚ ୨୨ ରେ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ସେହି ମାସ ୨୬ ତାରିଖରେ ଏ ଏସ ଆଇ ର ଏକ ବୈଷୟିକ ଦଳ ରତ୍ନଭଣ୍ଡାର ସ୍ଥିତି ଅନୁଧ୍ୟାନ କରିବା ପରେ ରତ୍ନଭଣ୍ଡାର ସ୍ଥିତି ଖରାପ ଥିବା ରିପୋର୍ଟ ଦେଇଥିଲେ । ଏହା ପରେ ଏକ ୧୭ ଜଣିଆ ଦଳ ଏପ୍ରିଲ ୪ ତାରିଖ ଦିନ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିଲେ ମଧ୍ୟ ଚାବି ନ ଥିବା ଦର୍ଶାଇ ଫେରି ଆସିଥିଲେ । ତାହା ପରଠାରୁ ବିଭିନ୍ନ ସଂଗଠନ ପକ୍ଷରୁ ରତ୍ନଭଣ୍ଡାର ମରାମତି ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଶ୍ରୀମନ୍ଦିର ପରିଚାଳନା କମିଟି ଦୀର୍ଘ ଚାରି ବର୍ଷ ଧରି କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି ।

## ସକ୍ରିୟ ଘୂର୍ଣ୍ଣିବଳୟ, କାଲି ଲଘୁଚାପ

ଭୁବନେଶ୍ୱର, ୧୨।୮(ପି.ଏନ): ପଶ୍ଚିମ ମିଆଁମାର ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଏକ ଘୂର୍ଣ୍ଣିବଳୟ ଏବେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ଉତର ବଙ୍ଗୋପସାଗର ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପ ସୃଷ୍ଟି ହେବାର ପରବର୍ତ୍ତୀ ୨୪ ଘଂଟା ମଧ୍ୟରେ ଏହା ଆହୁରି ଘନୀଭୂତ ହେବା ସହ ପଶ୍ଚିମ-ଉତର ପଶ୍ଚିମ ଦିଗରେ ଗତିକରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ।ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ଼, ଢ଼େଙ୍କାନାଳ, ଅନୁଗୁଳ, ଯାଜପୁର, ଝାରସୁଗୁଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, କେନ୍ଦୁଝର, ଦେବଗଡ଼ , ସମ୍ବଲପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।ସେହିପରି ୧୩ରୁ ୧୪ ତାରିଖ ମଧ୍ୟରେ ବାଲେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ, ଗଂଜାମ, ଗଜପତି, ଢେଙ୍କାନାଳ , କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି।

## ରାକ୍ଷୀ ବାନ୍ଧିବାକୁ ଡାକିଥିଲେ ସମ୍ପର୍କୀୟ ଭଉଣୀ ! ଆଜି ମିଳିଲା ଭାଇ ମୃତଦେହ



ଚ଼ମ୍ପୁଆ, ୧୨।୮(ପି.ଏନ): ରାକ୍ଷୀ ବାନ୍ଧିବା ପାଇଁ ଫୋନ୍ କରି ଡାକିଥିଲେ ସମ୍ପର୍କୀୟ ଭଉଣୀ ! ଆଉ ଭଉଣୀର ଫୋନ୍ କଲ ପାଇ ଧାଇଁ ଯାଇଥିଲାଲେଭାଇ ! ହେଲେ ଫେରିନଥିଲେ। ବହୁ ଖୋଜାଖୋଜି ପରେ ଆଜି ମିଳିଲା ଭାଇର କ୍ଷତ ବିକ୍ଷତ ମୃତଦେହ। ଏପରି ଘଟଣା କେନ୍ଦୁଝର ଜିଲ୍ଲା ବଲାଣୀ ଥାନା ଅଞ୍ଚଳରେ ଘଟିଛି। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେଉଛି ।ଗୁରୁବାର ଥିଲା ରାକ୍ଷା ବନ୍ଧନ। ସେଥିପାଇଁ ବଲାଣୀ ଡବ୍ଲ୍ୟୁ ହଟିଂ ଗାଁର ସମୀର ରଜକ(୧୭) ବାଲାଗୋଡ଼ା ମୁଣ୍ଡା ସାହିକୁ ଯାଇଥିଲେ। ସମ୍ପର୍କୀୟ ଭଉଣୀଙ୍କଠାରୁ ଫୋନ୍ କଲ ପାଇ ରାକ୍ଷୀ ବାନ୍ଧିବା ପାଇଁ ସେ ଯାଇଥିବା ଅଭିଯୋଗ ହେଉଛି। ପରେ ସେ ଆଉ ଘରୁ ଫେରିନଥିଲେ। ରାତିରେ ସମୀର ଘରକୁ ନଫେରିବାରୁ ପରିବାର ଲୋକ ଚ଼ାରିଆଡେ ଖୋଜି ଥିଲେ। ମାତ୍ର ତାଙ୍କ ପତ୍ତା ମିଳିନଥିଲା। ଏହା ପରେ ପରିବାର ଲୋକ ଏନେଇ ବଲାଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୁଲିସ ତତ୍ପରତା ପ୍ରକାଶ କରିନଥିଲା ପରିବାର ଲୋକ ଅଭିଯୋଗ କରିଛନ୍ତି। ସାମୀରଙ୍କୁ ପୁଲିସ୍ ଖୋଜାଖୋଜି କରିନଥିବା ତାଙ୍କ ମା' ତୁଳସୀ ଅଭିଯୋଗ କରିଛନ୍ତି। ଆଜି ଦିନ ଦ୍ୱି'ପହରରେ ବାଲାଗୋଡ଼ା ମୁଣ୍ଡା ସାହି ଅଞ୍ଚଳରେ ନିର୍ମାଣାଧୀନ ଏକ କୋଠା ଘର ପିଲର ପାଖରେ ସମୀରଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏନେଇ ବଲାଣୀ ଥାନାକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି। ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ପଚ଼ରା ଉଚ୍ଚୁରା କରୁଛି।

## କ୍ୟାବିନେଟ୍ ରେ ୧୬ଟି ପ୍ରସ୍ତାବ ଉପରେ ମୋହର

ଭୁବନେଶ୍ୱର, ୧୨।୮(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୬ଟି ପ୍ରସ୍ତାବକୁ ମଂଜୁରୀ ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ, ଯୋଜନା ଓ ସଂଯୋଜନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଇସ୍ପାତ ଓ ଖଣି ଏବଂ ଜଳସମ୍ପଦ ବିଭାଗ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ପ୍ରସ୍ତାବ ଗୁଡିକ ମଧ୍ୟରେ ଆଦିବାସୀ ଅଂଚଳରେ ମିଲେଟ୍ ର ପ୍ରସାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଢେଙ୍କାନାଳ ଜିଲ୍ଲାରେ ୪ ଟି ପାନୀୟ ଜଳ ପ୍ରକଳ୍ପ, କେନ୍ଦ୍ରାପଡା ଜିଲ୍ଲା ପାଇଁ ୩ ଟି ପାନୀୟ ଜଳ ପ୍ରକଳ୍ପ ଓ ବାଲେଶ୍ୱର ଜିଲ୍ଲା ପାଇଁ ୨ ଟି ପାନୀୟ ଜଳ ପ୍ରକଳ୍ପ ଅନ୍ତର୍ଭୁକ୍ତ। ବୈଠକର ନିଷ୍ପତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆଦିବାସୀ ଅଂଚଳରେ ପୁଷ୍ଟିଶସ୍ୟ ଓ ପୁନଃ ପ୍ରଚଳନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓଡିଶା ମିଲେଟ୍ସ ମିଶନ ପାଇଁ ୬ ବର୍ଷ ଲାଗି (୨୦୨୧-୨୨ରୁ ୨୦୨୬-୨୭) ୨୮୦୮.୩୯ କୋଟି ଟଙ୍କାକୁ ମଂଜୁରୀ ପ୍ରଦାନ କରାଯାଇଛି। ୧୯ ଟି ଜିଲ୍ଲାର ୧୪୨ ବ୍ଲକ୍ ରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ସେହିପରି ଢେଙ୍କାନାଳ ଜିଲ୍ଲାରେ ୫୦୧ କୋଟି ୮୫ ଲକ୍ଷ ୮୧ ହଜାର ଟଙ୍କାରେ ୪ ଟି ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପକୁ ମଂଜୁରୀ ମିଳିଛି। କେନ୍ଦ୍ରାପଡା ଜିଲ୍ଲାରେ ୪୧୬ କୋଟି ୫୭ ଲକ୍ଷ ୨୯ ହଜାର ୧୮୫ ଟଙ୍କାରେ ୩ ଟି ପାନୀୟ ଜଳ ପ୍ରକଳ୍ପ ଏବଂ ବାଲେଶ୍ୱର ଜିଲ୍ଲାରେ ୨୯୧ କୋଟି ୬୨ ଲକ୍ଷ ୭୭ ହଜାର ଟଙ୍କାର ୨ ଟି ପାନୀୟ ଜଳ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଗୁଡିକ ୨୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।ନଦୀ ଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ, ୬ଟି ବୃତର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥାର ପର୍ଯ୍ୟବେକ୍ଷଣ ପାଇଁ ଏକ ପିଏମସି ନିୟୋଜିତ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ପାଇଁ ୧୧୫,୭୬,୮୮,୦୦୦ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ୩୬ ମାସ ମଧ୍ୟରେ ପ୍ରକଳ୍ପ ଟି ଶେଷ ହେବ। ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ପାଇଁ ବ୍ରାହ୍ମଣୀ ନଦୀରେ ଅନୁଗୁଳ ଜିଲ୍ଲାର ତାଳଚେର ବ୍ଲକ୍ ର ଖଳପାଳ ଗ୍ରାମରେ ଏକ ଆନିକଟ୍ ସେତୁ ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ପାଇଁ ୨୧୯ କୋଟି ୫୦ ଲକ୍ଷ ଟଙ୍କା ଏବଂ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣା ପାଇଁ ଦେଢ ଲକ୍ଷ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ମଂଜୁରୀ ଦେଇଛି। ଏହି ପ୍ରକଳ୍ପକୁ ୩୩ ମାସରେ ଶେଷ କରିବାକୁ ଲକ୍ଷ୍ୟ ରହିଛି। ସେହିପରି କୋଏଲ ନଦୀର ସୁନ୍ଦରଗଡ ଜିଲ୍ଲା ହମୀରପୁରଠାରେ ଏକ ଆନିକଟ ନିର୍ମାଣ କରାଯିବ। ଏଥିପାଇଁ ୩୦୯ କୋଟି ଟଙ୍କା ଏବଂ ରକ୍ଷଣାବେକ୍ଷଣା ପାଇଁ ୪ କୋଟି ୧୧ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରକଳ୍ପ ଟି ୩୦ ମାସ ମଧ୍ୟରେ ଶେଷ କରାଯିବ। ଓଡିଶା ଯାନ୍ତ୍ରିକ ସେବା ଅଧିନସ୍ଥ କ୍ଷୁଦ୍ର ଜଳସେଚନ ସଂବର୍ଗର ପୁନର୍ବିନ୍ୟାସକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ଉଦବୃତ ବର୍ଷା ଜଳର ସଂରକ୍ଷଣ ପାଇଁ ଛାତ୍ର ଉପର ବର୍ଷାଜଳ ଅମଳ ପଦ୍ଧତିରେ ଛାତ ନାମରେ ଏକ ନୂତନ ଯୋଜନାର ଆରମ୍ଭ କରିବେ ରାଜ୍ୟ ସରକାର। ଏହି ଯୋଜନା ରାଜ୍ୟର ଜଳକ୍ଳିଷ୍ଟ ୫୨ଟି ବ୍ଲକ୍ ଏବଂ ୨୨ ଟି ସହରାଂଚଳରେ ୨୭୦ କୋଟି ଟଙ୍କା ବ୍ୟୟରେ ୨୯,୫୦୦ ବ୍ୟକ୍ତିଗତ କୋଠା ଏବଂ ୧୯୨୫ ଟି ସରକାରୀ କୋଠାରେ ଆଗାମୀ ୫ ବର୍ଷରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବ୍ୟକ୍ତିଗତ କୋଠା ଲାଗି ସର୍ବାଧିକ ୫୫ ହଜାର ଟଙ୍କା ବା ବ୍ୟୟ ଅର୍ଥର ୫୦% ଯେଉଁଟି କମ୍ ହେବ ପ୍ରଦାନ କରାଯିବ।










# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ଟ୍ୟରେ ସାହାଯଷ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ଟ୍ୟତୀତ ଅନଷ୍ଟ୍ୟ ରାଜଷ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଟ୍ୟାରେ ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡକୁ ଲକ୍ଷଷ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଟ୍ୟତି ହେବି ନାହିଁ।



# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି ।ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ ।ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଷ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




## ଶ୍ରୀ ଶ୍ରୀ ଗୋପିନାଥଜୀଉ ଓ ବିନୋଦ ବିହାରୀଙ୍କ ଝୁଲଣ ଯାତ୍ରା ଉଦ୍‌ଯାପିତ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ପୌରସଂସ୍ଥା ଅଧିନ ଗଣମାହାଳର ଶ୍ରୀ ଗୋପିନାଥଜୀଉ ଏବଂ ଶ୍ରୀ ବିନୋଦବିହାରୀଜୀଉଙ୍କ ଝୁଲଣ ଯାତ୍ରା ଶୁକ୍ରବାର ଗହ୍ମା ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଯାଇଛି । ଗତ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଆରମ୍ଭ ହୋଇଥିଲା ଏହି ଝୁଲଣ ଯାତ୍ରା । ମନ୍ଦିରର ଟ୍ରଷ୍ଟି ବିପଦ ଭଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଏହି ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ୫ଦିନ ବ୍ୟାପି ଭଜନ ଓ କୀର୍ତ୍ତନରେ ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଉମାକାନ୍ତ ସିଂ, ବିଶ୍ୱଜିତ୍ ସାହୁ, ମାନସ ସାମଲ, ରମାକାନ୍ତ ସାହୁ, ଅନନ୍ତ ମହାରଣା, ବସନ୍ତ କୁମାର ସାହୁ, ସୁକାନ୍ତ ସେଠୀ, ଜୟନ୍ତ କୁମାର ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଏହି ଉତ୍ସବକୁ ଦେଖିବା ପାଇଁ ସହରର ବିଭିନ୍ନ ସ୍ଥାନରୁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏହି ଉତ୍ସବରେ ସାମିଲ ହୋଇଥିଲେ ।

## ବାବା ଭୈରବାନନ୍ଦ ମହାବିଦ୍ୟାଳୟର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ

ଦର୍ପଣ,(ପିଏନ): ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ପ୍ରାଧ୍ୟାପକ ବିନାୟକ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ୪୬ ବର୍ଷ ପୂର୍ବେ ରୋପିତ ହୋଇଥିବା ଛୋଟ ଚାରାଟି ଆଜି ବିରାଟ ବଟ ବୃକ୍ଷରେ ପରିଣତ ହୋଇ ଶିକ୍ଷା ରୂପକ ଆଲୋକକୁ ବିଚ୍ଛୁରିତ କରି ସଗର୍ବରେ ଦଣ୍ଡାୟମାନ ହୋଇଅଛି । ଶିକ୍ଷା ମଣିଷ ଜୀବନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୃଦୟରେ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ଜଳାଇଥାଏ । କଲେଜର ବିକାଶ ଓ ଅଭିବୃଦ୍ଧି ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାପାଇଁ ପ୍ରତିଶୃତି ଦେଇଥିଲେ । ଏଥିରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ନନ୍ଦ କିଶୋର ପରିଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସଂସ୍କୃତି, ଐତିହ୍ୟ, ପରମ୍ପରାର ସ୍ଥାନ ବଡଚଣା ଓଡିଶାର ରାଜନୈତିକ, ସାଂସ୍କୃତିକ, ଐତିହାସିକ ଓ ଆଧ୍ୟାତ୍ମିକ ଭାବ ଧାରାକୁ ପ୍ରଚାର ପ୍ରସାର କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି । ଯେଉଁ ମହାପୁରୁଷମାନଙ୍କର ନୀତି, ଆଦର୍ଶ, ନିଷ୍ଠା, ଏକାଗ୍ରତା ଓ ପ୍ରତିଷ୍ଠା ଫଳରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟଟି ଆଜି ସମଗ୍ର ଓଡିଶାରେ ଶିକ୍ଷକ୍ଷେତ୍ରରେ ଅଗ୍ରଣୀ ଭୁମିକା ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ଡଃ ମନୋଜ କୁମାର ଦାସ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ସଂଘର ସଭାପତି ଅଧ୍ୟାପକ ପବିତ୍ର ମୋହନ ମାହାଲା ଅଭିଭାଷଣ ପ୍ରଦାନ କରିଥିଲେ । ସଂଘର ସାଧାରଣ ସମ୍ପାଦକ ଆଇନଜୀବି ଦେବରାଜ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ କଲେଜର କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା । ପ୍ରାରମ୍ଭରେ ଭାରତ ପାକିସ୍ତାନ ଯୁଦ୍ଧରେ ସାମିଲ ଥିବା ବିଜୟୀ ସ୍ମାରକୀ ଯୁଦ୍ଧ ଟ୍ୟାଙ୍କ ଟି-୫୫ କୁ ଅତିଥିମାନଙ୍କ କରକମଳରେ ଅନାବରଣ କରାଯାଇ ଛାତ୍ରଛାତ୍ରୀ ଓ କଲେଜ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଥିଲା । ଏହି ଟ୍ୟାଙ୍କକୁ ପୁଣେରୁ କଲେଜକୁ ଆଣିବାରେ ସହଯୋଗ ଦେଇଥିବା ଶୁଭେଚ୍ଛୁ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ପରିଚାଳନା ସମିତି ସଭାପତି ପ୍ରାଧ୍ୟାପକ ବିନାୟକ ପଣ୍ଡା, ପ୍ରାକ୍ତନ ଅଧ୍ୟକ୍ଷ ଡଃ ବିରେନ୍ଦ୍ର କୁମାର ମିଶ୍ର ଓ ଡଃ କେଦାର ନାଥ ଦାଶ, ନିହାର ରଂଜନ ଦାସପଟ୍ଟନାୟକ, ବୈଦ୍ୟନାଥ ସାମଲ, ଭାଗବତ ଦାସ, ଅଧ୍ୟାପକ ପବିତ୍ର ମୋହନ ମାହାଲା, ସଲୀଳ ରାଜନନ୍ଦନ ମହାନ୍ତି, ବିଜୟ କେତନ ସାମଲ, ଡଃ ଦିଲ୍ଲୀପ କୁମାର ନାୟକ, କ୍ୟାପ୍ଟେନ ଦିଲ୍ଲୀପ କୁମାର ନାୟକ, ସୁକଦେବ ସାହୁ, ଚନ୍ଦନ କୁମାର ନାୟକ, ଆଇନଜୀବି ଦେବରାଜ ବେହେରା ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ରଂଜନ ରାଉତ, ଡଃ ବିଶ୍ୱଜିତ ମହାପାତ୍ର, ସୁଶ୍ରୀ କାମିନୀ ନାୟକ, ସେକ୍ ସାଦ୍ଦିକ ରବାନି, ସଂଜୀବ କୁମାର ସାହୁ, ବୀଘ୍ନରାଜ ନାୟକ, ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷା ଇତିଶ୍ରୀ ସାମଲ, କିଶାନ ପଣ୍ଡା, ଲକ୍ଷ୍ମୀଧର ସେନାପତି, ଆଇନଜୀବି ପ୍ରଫୁଲ୍ଲ ପ୍ରଧାନ ଓ ଜନ୍ ବେହେରା, ପ୍ରଦୀପ୍ତ ରଂଜନ ରଥ, ଏମ୍‌ଡି କମରୁଲ୍ ହକ୍, ଗୌତମ ସାହୁ, ଓଏସ୍ ପବିତ୍ର କୁମାର ବେହେରା ଓ ପ୍ରଫୁଲ୍ଲ କୁମାର ବେହେରା, ଶଶାଙ୍କ ଶେଖର ରାଉତ, ସୁଦର୍ଶନ ଘଡେଇ, ତ୍ରୀନାଥ ଜେନା, ମନୋରଂଜନ ନାୟକ, ଭବାନୀ ଶଙ୍କର ବିଶ୍ୱାଳ, ଅମିତ କୁମାର ସାହୁ, ପ୍ରଭାତ ମହାନ୍ତି, ସୁକିନ୍ଦା କଲେଜ ଅଧ୍ୟକ୍ଷ ଶରତ କୁମାର ନାୟକ ପ୍ରମୁଖ ଏହାକୁ ଆଣିବାରେ ସହଯୋଗ ପ୍ରଦାନ କରିଥିଲେ । ପୂର୍ବତନ ଉପନିର୍ଦ୍ଦେଶକ ଉଦୟନାଥ ମହାନ୍ତି ସ୍ମାରକୀ ପକ୍ଷରୁ କଲେଜର ଶ୍ରେଷ୍ଠ +୨ ବିଦ୍ୟାର୍ଥି ଭାବେ ପ୍ରିୟଙ୍କା ଜୈନ୍ ପୁରସ୍କାର ପାଇଥିବାବେଳେ ସେ ମଧ୍ୟ +୨ ବାଣିଜ୍ୟରେ, ଜ୍ୟୋସ୍ନା ସାହାଣୀ +୨ କଳାରେ ଓ ଆଲୋକ ରଂଜନ ଦାସଙ୍କୁ +୨ ବିଜ୍ଞାନ ଶ୍ରେଣୀରେ ଶ୍ରେଷ୍ଟ ଛାତ୍ରଛାତ୍ରୀ ଭାବେ ସଂଘର ପ୍ରାକ୍ତନ କୋଷାଧ୍ୟକ୍ଷ ନିରଂଜନ ଗୋଛାୟତ ସ୍ମାରକୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଦିଲ୍ଲୀ ଠାରେ ସାଧାରଣତନ୍ତ୍ର ପରେଡରେ ଭାଗ ନେଇଥିବା ଏନସିସି ଛାତ୍ରୀ ପ୍ରଜ୍ଞାଶିଖା ସେନାପତି ଓ ଏନଏସଏସ ଛାତ୍ର ଆଶିଷ କୁମାର ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସଂଘର ଉପସଭାପତି ଅଧ୍ୟାପକ ସଲୀଳ ରାଜନନ୍ଦନ ମହାନ୍ତି ସଂଚାଳନ କରିଥିଲେ । ଅଧ୍ୟାପକ ସୁର୍ଯ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପୂର୍ବରୁ ବାବା ଭୈରବାନନ୍ଦ ବ୍ରହ୍ମଚାରୀ, ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାଶ, ଉତ୍କଳ ଗୌରବ ମଧୁସୁଦନ ଦାସ ଓ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ କଲେଜ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା ।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଣ୍ଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି ।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ରେଙ୍କକ୍ଷସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତ୍ତାବହ ହେବାକୁ ପଡ଼ିବ ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍‌କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱ୍ୱର୍କ ଓ ଆବଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱ୍ୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

## ଆଦିତ୍ୟ ବାହିନୀର ଆଜାଦିକି ମହୋତ୍ସବ କାର୍ଯ୍ୟକ୍ରମ

ଯାଜପୁର,(ପି.ଏନ): ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଅବସରରେ ବାବା ଅଭୟ ନୃସିଂହ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ କମିଟି ଆନୁକୂଲ୍ୟରେ ବାବା ବନବିହାରୀ ମଠ ପରିସରରେ ଗୋମାତା ପୂଜନ, ବୃକ୍ଷ ରୋପଣ, ଘରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ହିନ୍ଦୁତ୍ୱର ପବିତ୍ର ଗୋ-ମାତା ପୂଜନ କାର୍ଯ୍ୟକ୍ରମକୁ ଆଦିତ୍ୟ ବାହିନୀର କର୍ମକର୍ତ୍ତାଙ୍କ ଦ୍ୱାରା ଗୋ-ମାତାଙ୍କୁ ଫୁଲ ଚନ୍ଦନ, ସିନ୍ଦୂର, ଧୂପ, ଝୁଣା ଓ ଆଳତି କରାଯିବ ସହ ସ୍ୱାଦୀଷ୍ଟ ଭୋଜନରେ ଆରିଷା ଚକୁଳି ପିଠା ମଧ୍ୟ ଖୁଆଯାଇଥିଲା । ଶ୍ରଦ୍ଧାଳୁ ଗୋମାତାଙ୍କର ପାଦରେ କର୍ମକର୍ତ୍ତାମାନେ ମଥନତ କରି ଆଶିଷ ଭିକ୍ଷା କରିଥିଲେ ।

# ମୋ ଓଡ଼ିଶା

## ଗାଙ୍ଗୋତ୍ରୀ ନଗର ରାସ୍ତା ମରଣଯନ୍ତା: ଗ୍ରାମ୍ୟ ଉନ୍ନୟନ ବିଭାଗର ଚେତା ପଶିବ କେବେ ?



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତ ଅଧିନସ୍ଥ ଗାଙ୍ଗୋତ୍ରୀ ନଗର ରାସ୍ତା ନଂ -୩ ଅବସ୍ଥା ଶୋଚନୀୟ। ରାସ୍ତାଗୁଡିକ ତିଆରି ହେବା ପରେ ମରାମତି ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସେତିକି ଯତ୍ନବାନ ନୁହେଁ, ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଅବସ୍ଥାର ସୁଧାର ଆସୁନି। ଏତେଗୁଡିଏ ଅର୍ଥ ଖର୍ଚ୍ଚ ହେବା ସତ୍ୱେ ରାସ୍ତା ମରାମତି ଠିକ ଭାବରେ ହୋଇପାରୁନି। ଏହାର ନଗ୍ନ ଉଦାହରଣ ହେଉଛି ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତ ଅଧିନ ଗାଙ୍ଗୋତ୍ରୀ ନଗର ଲେନ ନଂ-୩। ଏହି ରାସ୍ତା ମରଣ ଯନ୍ତା ଅଟେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ କୁହନ୍ତି ମରାମତି ହେବ। ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେବାରେ ହେଳା କରନ୍ତିନି କିନ୍ତୁ



କାର୍ଯ୍ୟରେ ଶୂନ। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକମାନେ ଯିବା ଆସିବା କରନ୍ତି। ସମସ୍ତ ସ୍କୁଲ ଓ କଲେଜ ଛାତ୍ର ଏହି ବାଟ ଦେଇ ଯିବା ଆସିବା କରନ୍ତି। ଏହି ରୋଡ ନଂ-୩ଟି ହେଉଛି ମୁଖ୍ୟ ରାସ୍ତା। ଏଠାରେ ଅଧିକାଂଶ ବ୍ୟକ୍ତି ବରିଷ୍ଠ ନାଗରିକ ଅଟନ୍ତି। ସକାଳେ ପ୍ରାତଃ ଭ୍ରମଣରେ ଯିବା ବେଳେ ଚାଲିକରି ଯିବା ସମ୍ଭବପର ନୁହେଁ କାରଣ ରାସ୍ତାର ଅବସ୍ଥା ଅବର୍ଣ୍ଣନୀୟ ଅଟେ। ଖାଲଖମାରେ ଭରପୁର। ଅଳ୍ପ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି। ରାସ୍ତା ଖୋଳି ବାହାର କରିବା କାଠିକର ପାଠ। ଯୋଜନା ଅନୁଯାୟୀ ଜାନୁଆରୀରୁ ରାସ୍ତା କାମ ଆରମ୍ଭ ହୋଇ ଜୁନ ମାସ ମଧ୍ୟରେ ସରିବା କଥା କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୂରଦୃଷ୍ଟି ଅଭାବରୁ ଗାଙ୍ଗୋତ୍ରୀନଗରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକାଦାରମାନେ ନିମ୍ନ ଧରଣର କାମ କରିବା ଫଳରେ କାମ ହେବାର କିଛିଦିନ ପରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା ସୃଷ୍ଟି ହେଉଛି। ଏଠାରେ ସବୁ ରାସ୍ତା ବିପଜ୍ଜନକ ଅବସ୍ଥାରେ ରହିଛି। କିଛି ନହେଲେ ସରକାର ମୁଖ୍ୟରାସ୍ତା ରୋଡ ନଂ-୩କୁ ତୁରନ୍ତ ମରାମତି କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବାକୁ ଦାବୀ ହୋଇଛି।

## ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଗଙ୍ଗାଧର ମେହେର ଜୟନ୍ତୀ କମିଟି, ଉତ୍କଳ ସମ୍ମିଳନୀ, ଗଙ୍ଗାଧର ମେହେର ପ୍ରତିଷ୍ଠାନ, ପଶ୍ଚିମ ଓଡିଶା ଅଗ୍ରଣୀ ସଙ୍ଗଠନ ଓ ଭୁବନେଶ୍ୱର ଭୁଲିଆ ସମାଜ ପକ୍ଷରୁ ମିଳିତ ଭାବେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୧ତମ ଜନ୍ମଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜୟନ୍ତୀ କମିଟିର ଉପଦେଷ୍ଟା ନରେନ୍ଦ୍ର କୁମାର ମିଶ୍ର ଓ ଅଧ୍ୟକ୍ଷ ସଂଜୀବ ଚନ୍ଦ୍ର ହୋତା, ବିଧାୟକ ପ୍ରଫୁଲ୍ଲ ସାମଲ, କର୍ପୋରେଟର ଅଚ୍ୟୁତ ସ୍ୱାଇଁ କଳିଙ୍ଗ ଡାକ୍ତରଖାନା ଛକରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଂଜଳି ଜଣାଇଥିବା ବେଳେ ଜୟନ୍ତୀ କମିଟିର ଯୁଗ୍ମ-ସମ୍ପାଦକ ତଥା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା ଅଗ୍ରଣୀ ସଙ୍ଗଠନର ସଭାପତି ଉଦିତ ପ୍ରତାପ ଦେହୁରୀ, ଭୁଲିଆ ସମାଜ ପକ୍ଷରୁ ଶେଷଦେବ ମେହେର, ବରିଷ୍ଠ ଅଧିବକ୍ତା ମଧୁମାଧବ ଜେନା, ଉତ୍କଳ ସମ୍ମିଳନୀର ଉପଦେଷ୍ଟା ଅନନ୍ତ ପ୍ରସାଦ ଜେନା, ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପ-ସଭାପତି ଶିତଳ ମହାନ୍ତି ପ୍ରମୁଖ ବରପୁତ୍ରଙ୍କ ଗୁଣାବଳି ବର୍ଣ୍ଣନା କରିଥିବା ବେଳେ ସମ୍ପାଦକ ଅଧିବକ୍ତା ଗୋବିନ୍ଦ ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ସମରଂଜନ ମହାନ୍ତି, ଅକ୍ଷୟ କୁମାର ଜେଠୀ, ପ୍ରତାପ କୁମାର ନନ୍ଦ, ଆଶୁତୋଷ ମେହେର, କିଶୋର ମେହେର, ଦୁଷ୍ମନ୍ତ ମେହେର, ସମୀର ମେହେର, ରମାକାନ୍ତ ଖଟୁଆ ଓ ସଂଜୀବ ମେହେର ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳୀ ଜଣାଇଥିଲେ।

## ସଦର ବିଜେପିର 'ହର ଘର ତ୍ରିରଙ୍ଗା' ଶୋଭାଯାତ୍ରା

ବାଲେଶ୍ୱର (ପିଏନ୍)- ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ହର ଘର ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ବାଲେଶ୍ୱର ସଦର ବିଜେପି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହ ଶହ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ସାମିଲ ହୋଇଥିଲେ। ଏହି ବାଇକ ରାଲି ସହରର ଗାନ୍ଧୀସ୍ମୃତି ଭବନଠାରୁ ଆରମ୍ଭ ହୋଇଥିଲା। ପରେ ଏହି ଶୋଭାଯାତ୍ରା ପୋଲିସ ଲାଇନ ଛକ, ପଞ୍ଚୁଆପଡା ଛକ, କଲେଜ ରୋଡ, ସିନେମା ଛକ, ଥାନା ଛକ ଦେଇ ବାରବାଟୀ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ବାଘା ଯତୀନ ପୀଠରେ ସମାପ୍ତ ହୋଇଥିଲା। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଜାତି, ଧର୍ମ ଓ ଦଳ ମତ ନିର୍ବିଶେଷରେ ଆସନ୍ତା ଅଗଷ୍ଟ ମାସ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ପାଇଁ ଦେଶବାସୀଙ୍କୁ



ଅପିଲ କରିଛନ୍ତି। ସଦର ବିଜେପିର ଏହି 'ହର ଘର ତ୍ରିରଙ୍ଗା' ଅଭିଯାନରେ ସଦର ନେତା ମାନସ ଦତ୍ତ ଙ୍କ ନେତୃତ୍ୱରେ ଘରେ ଘରେ ଜାତୀୟ ପତାକା ଲଗାଇବା, ଜାତୀୟ ଏକତା ତଥା ଶାନ୍ତି ଓ ସାମାଜିକ ବାତାବରଣ ବଜାୟ ରଖିବା ପାଇଁ ନିବେଦନ କରିଥିଲେ। ପରେ ବାଘା ଯତୀନ ପୀଠରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଘା ଯତୀନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ସୁଷମା ବିଶ୍ୱାଳ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୁଜିତ ଦେବ, କାଉନସିଲର ରୋଜାଲିନ ପାଣି ଓ ସସ୍ମିତା ନାଥ, ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ପ୍ରବୀର ଶଙ୍କର ଦାଶ, ଲକ୍ଷ୍ମୀଧର ବେହେରା, ଉମେଶ ବେହେରା, ଶୈଳେନ୍ଦ୍ର ପ୍ରସାଦ ନନ୍ଦ, ବଳରାମ ପାତ୍ର, ସର୍ବେଶ୍ୱର ପାତ୍ର, ବିକାଶ ପାଢୀ, ରାଜେନ୍ଦ୍ର ଚାଟାର୍ଜୀ, ଅରୁପ ଜେନା, ବିଜୟ ପୃଷ୍ଟି, ପବନ କମିଲା, ନିତିନ ଦାସ, ମନ୍ମୟ ଦାସ, ମୁନା ମହନ୍ତ, ଦୁର୍ଗା ପ୍ରଧାନ, ସୌଭାଗ୍ୟମାନସ ନାୟକ, ଚିତ୍ତରଞ୍ଜନ ଦତ୍ତ, ଅନନ୍ତ ଚାନ୍ଦ, ସଂଯୁକ୍ତା ମହାପାତ୍ର, ଶ୍ରୀୟା ଦାସ, ସୁସ୍ମିତା ସୁକ୍ଳା, ସୁସ୍ମିତା ପଣ୍ଡା, ସସ୍ମିତା ଦାଶ, ମଧୁଶ୍ରୀ ପଣ୍ଡା, ଝରଣା ଦାସ, ମନ୍ମଥ ପାତ୍ର, ଦିଲ୍ଲୀପ ମାଝୀ, କୌସିକ ଚାନ୍ଦ, ହୃଷିକେଶ ପାତ୍ର, ମାନସ ସାହୁ, ଜୀବନ ପାଣି, ଅନିମେଶ ଦେ,ଗଣେଶ ସେନ, ପ୍ରଶାନ୍ତ ପରିଡା, ସଞ୍ଜୀବ ପ୍ରଧାନ, ଅଶୋକ ଦାସ, ରାଜୁ ହେମ୍ବ୍ରମ, ପ୍ରହଲ୍ଲାଦ ଦାସ, ଅନିଲ ମହାନ୍ତି, ଅଭିରାମ ଅଧିକାରୀ, ସେଖ ମିରାଜ, ଶକ୍ତିଶଙ୍କର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତଦୁଇ ପରୀକ୍ଷାରେ ମାଟ୍ରିକ୍ ସଫଳତାକୁ ଦୋହରାଅ, ମାଟ୍ରିକ୍ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଧର୍ମଶାଳା (ପିଏନ୍): ଜାରକା ଇଣ୍ଡୋର ହଲ୍‌ରେ କଳ୍ପତରୁ ଦାସ ନେସନାଲ ଫାଉଣ୍ଡେସନ ପକ୍ଷରୁ ଚଳିତ ମାଟ୍ରିକ୍ ପରୀକ୍ଷାରେ ଏ-୧ ପାଇଥିବା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୩୨ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଗତକାଲି ସମ୍ବର୍ଦ୍ଧିତ କରାଯାଇଛି। ଗଣଶିକ୍ଷା ମନ୍ତ୍ରୀ ସମିର ରଂଜନ ଦାଶ ମୁଖ୍ୟଅତିଥିଭାବେ ଯୋଗଦେଇ ସମାଲୋଚକ ମାନଙ୍କୁ ଉଚିତ୍ ଜବାବ୍ ଦେବାକୁ ହେଲେ ଯୁକ୍ତଦୁଇ ପରୀକ୍ଷାରେ ମାଟ୍ରିକ୍ ସଫଳତାକୁ ଦୋହରାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଜୋର୍ ଦେଇ କହିଥିଲେ। ଗୁରୁମାନଙ୍କୁ ସମ୍ମାନ ଦେବାରେ ଏ ସମାଜ କେବେ କାର୍ପଣ୍ୟ କରିନାହିଁ। ଶିକ୍ଷକମାନଙ୍କ କର୍ତବ୍ୟ କ'ଣ ସେ ପରାମର୍ଶ ଦେବାର ଆବଶ୍ୟକତା ନାହିଁ। ପାଠ ପଢ଼ିବା ପାଇଁ ଗୋଟିଏ ଭଲ ପରିବେଶ ଦରକାର। ଏ ଦିଗରେ ଶିକ୍ଷକ, ଶିକ୍ଷୟିତ୍ରୀ, ଏସ୍‌ଏମ୍‌ସି ସଭାପତି ଓ ପିତାମାତାଙ୍କର ଗୁରୁଦାୟିତ୍ୱ ରହିଛି। ଆଜିର ଛାତ୍ରମାନେ ଆସନ୍ତାକାଲି ଓଡ଼ିଶାର ନେତୃତ୍ୱ ନେବେ। ଏଥର ଅଭିଭାବକ ବୈଠକ ପାଇଁ ଛାତ୍ରଛାତ୍ରୀଙ୍କ ବଦଳରେ ଶିକ୍ଷକ ଘରକୁ ଯାଇ ଅଭିଭାବକଙ୍କୁ ଚିଠି ଦେଇ ମିଟିଂକୁ ଡାକିବେ। ୮୦କୋଟି ଟଙ୍କା ଖର୍ଚ୍ଚ କରାଯାଇ ୧୦ହଜାର ଦକ୍ଷ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ସିଆର୍‌ସିସିମାନେ ଦାୟିତ୍ୱରେ ଅବହେଳା କରୁଥିବାରୁ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ହାଇସ୍କୁଲକୁ ରୂପାନ୍ତରିତ କରାଯିବ। ଘରୋଇ ସ୍କୁଲ ଅଭିଭାବକଙ୍କ ଭଳି ସରକାରୀ ବିଦ୍ୟାଳୟର ଅଭିଭାବକମାନେ ସେମାନଙ୍କ ପିଲାଙ୍କ ପ୍ରତି ଦାୟିତ୍ୱବାନ ହୁଅନ୍ତୁ। ଆସନ୍ତାବର୍ଷ କିପରି ଏ-୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା ତିନି ଅଙ୍କ ଛୁଇଁବ ସେଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସ୍କୁଲ୍‌କୁ ଭଲ ସଫଳତା ମିଳିଲେ କେଡିଏନ୍‌ଏଫ୍ ଓ ବିଧାୟକ ପାଣ୍ଠିରୁ ପୁରସ୍କୃତ କରାଯିବ ବୋଲି ଶ୍ରୀ ବଳବନ୍ତରାୟ ଘୋଷଣା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଯାଜପୁର ଏଡ଼ିଇଓ ଶଶିଧର ସିଂହ, ଧର୍ମଶାଳା ବିଇଓ ନିକୁଂଜ ବିହାରୀ ମହାନ୍ତି, ରସୁଲପୁର ବିଇଓ ଶ୍ରୀଚରଣ ମଲିକ୍, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଦାସ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉଦୟବଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ମୋହନ ଚରଣ ସାମଲ, ଖଣ୍ଡିତର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁନନ୍ଦ ରାଉତ, ଏ-୧ ଛାତ୍ରୀ ଅର୍ପିତା ଦାସ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି ନିଜ ସଫଳତାର ଅନୁଭୂତି ସଂପର୍କରେ ବକ୍ତବ୍ୟ ରଖିଥିଲେ। ବିଜେଡ଼ି ନେତା ଡ. ପ୍ରିୟନାଥ ମହାପାତ୍ର, ଜଳଧର ମହାନ୍ତି ଓ ପ୍ରତାପ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଏ-୧ ପାଇଥିବା ଛାତ୍ରଛାତ୍ରୀଙ୍କ ହାଇସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀ, ପରିଚାଳନା କମିଟିର ସଭାପତି ଓ ଅଭିଭାବକମାନେ ଯୋଗ ଦେଇଥିଲେ।

## ଆହ୍ୱାନ ଆନୁକୁଲ୍ୟରେ ଅମୃତ ମହୋତ୍ସବ ପାଳନ ନିମନ୍ତେ ବୈଠକ ଅନୁଷ୍ଠିତ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆହ୍ୱାନ ପକ୍ଷରୁ ଆର୍ନ୍ତଜାତିକ ଅମୃତ ମହୋତ୍ସବ ଅଫିସର୍ସ କ୍ଲବରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମଞ୍ଚାସିନ ଅତିଥି ଡାକ୍ତର ରାଜକିଶୋର ପଣ୍ଡା, ନିରାକାର ସାହୁ, ତପନ ମହାରଣ୍ୟ, ଅଧିକାରୀ ନବକିଶୋର ଦାସ ମଞ୍ଚ ଅଳଙ୍କୃତ କରିଥିଲାବେଳେ ଉପସଭାପତି ପାଣ୍ଡବ ସାହୁ ସଭାପତିତ୍ୱ କରିଥିବା ସଙ୍ଗେ ସମ୍ପାଦକ ବିଶ୍ୱଜିତ ସାହୁ ସଭା ପରିଚାଳନା କରିଥିଲେ। ଆସନ୍ତା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ସଂସ୍କୃତ ଭବନ ଠାରେ ଆହ୍ୱାନ ପକ୍ଷରୁ ଅମୃତ ମହୋତ୍ସବ ପାଳନ କରାଯିବ। ସର୍ବପ୍ରଥମେ ଶତାଧିକ ସଭ୍ୟ ସାଇକେଲ ଦ୍ୱାରା ଏକ ରାଲିରେ ସଂସ୍କୃତିଭବନଠାରୁ ବାହାରି ନଗର ପରିକ୍ରମା କରିବା ସଙ୍ଗେ ସଙ୍ଗେ ଉକ୍ତ ଦିନ ବୃକ୍ଷରୋପଣ କରାଯିବାର ସ୍ଥିର କରାଗଲା। ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ର 'ଆଖି' ର କିଛି ଅଂଶ ସୁଟିଂ ବାକି ଥିବାରୁ ଅଂଶଗ୍ରହଣ କରିଥିବା ସମସ୍ତ କଳାକାର ଓ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସେଠାରେ ଉପସ୍ଥିତ ରହି ଉକ୍ତ ଚଳଚ୍ଚିତ୍ରଟି କିପରି ସମାପ୍ତ ହେବ ଉକ୍ତ ବିଷୟରେ ଆଲୋଚନା କରାଯାଇଥିଲା। ତଳିହା ପଞ୍ଚାୟତ ସମିତି ସଭ୍ୟ ନିର୍ମାଳା ମିଶ୍ର ନୂତନ ସଭ୍ୟଭାବେ ଯୋଗ ଦେଇଥିବା ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ଆହ୍ୱାନ ଦ୍ୱାରା ନାଟକ 'ନିର୍ବାଣ' କଳାବିକାଶ କେନ୍ଦ୍ର କଟକ ଠାରେ ମଞ୍ଚସ୍ଥ କରାଯାଇ ଜାତୀୟ ସ୍ତରରେ ନାଟକ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ମାନପତ୍ର ଓ ଏକ କପ୍ ପାଇଥିବାରୁ ଉକ୍ତ ବୈଠକରେ ସମସ୍ତଙ୍କର ସମସ୍ତ ସଭ୍ୟ ଓ ଉପସ୍ଥିତ ବୃନ୍ଦ ଖୁସି ପ୍ରକଟ କରିଥିଲେ। ସମ୍ପାଦକ ବିଶ୍ୱଜିତ ସାହୁଙ୍କ ପ୍ରସ୍ତାବ ଓ ଉପସଭାପତି ପାଣ୍ଡବ ସାହୁଙ୍କ ସମର୍ଥନରେ ନିରାକର ସାହୁଙ୍କୁ ସର୍ବସମ୍ମତିକ୍ରମେ ସଭାପତି ମନୋନୟନ କରାଗଲା। ଉକ୍ତ ସଭାରେ ରବିନ୍ଦ୍ର କୁମାର ରାଉତ, ସନ୍ତୋଷ କୁମାର ଦାସ, ମନୋଜ ରାୟ, ନଟବର ଜେନା, ରଞ୍ଜୁ ସାହା, ମହେଶ୍ୱର କୁମାର ମହାନ୍ତି, ଯୋଗମାୟା ଶର୍ମା, ସୁବାସଚନ୍ଦ୍ର ମହାପାତ୍ର, ନମିତା ମିଶ୍ର, ପ୍ରକାଶ କୁମାର ମହାରଣା, ଜୟନ୍ତ କୁମାର ବେହୁରିଆ, ତିଳୋତମା ଜେନା, ରାଜେନ୍ଦ୍ର କୁମାର ସାହୁ, ଅନୁସୟା ମହାପାତ୍ର, ପ୍ରିୟଙ୍କା ପ୍ରିୟଦର୍ଶନି, ସୁଭ୍ରଜିତ ସାହୁ, ସତ୍ୟଜିତ ରାଉତରା, ସୌମ୍ୟଜିତ ସାହୁ, ପଂଚାନନ ବେହେରା, ଲୋକନାଥ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସର୍ବଶେଷରେ ସହସମ୍ପାଦକ ଅକ୍ଷୟ କୁମାର ପୃଷ୍ଟ ଧନ୍ୟବାଦ ଦେଇଥିଲେ।

## ପାରାଦୀପ ଯୁବ ବିଜେଡି ପକ୍ଷରୁ ବୃକ୍ଷରୋପଣ



ପାରାଦୀପ (ପିଏନ୍)-ପାରାଦୀପ ନଗର ଯୁବ ବିଜେଡି ପକ୍ଷରୁ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ପାରାଦୀପ ମଧୁବନ ଏମ୍.ସି.ସି. ସେଂଟର (ବଙ୍ଗାଳିପଡା) ଠାରେ ବୃକ୍ଷରୋପଣ କରାଯାଇଥିଲା। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପାରାଦୀପ ପୌରାଧକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପାରାଦୀପ ପୌରାଧକ୍ଷ ତଥା ପାରାଦୀପ ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପାରିଷଦ ଅଜିତ କୁମାର ଷଡଙ୍ଗୀ, ସରୋଜିନୀ ସାହୁ, ମନୋଜ ନାୟକ, ସୁଶାନ୍ତ ଦାସଙ୍କ ସମେତ ଝାଡେଶ୍ୱର ମାନ୍ନା, ପ୍ରଭାତ ପରିଡା, ଅନନ୍ତ ମିଶ୍ର, ସ୍ମୃତିରଂଜନ ମହାନ୍ତି, ଶକ୍ତିରଂଜନ ସ୍ୱାଇଁଙ୍କ ସମେତ ଯୁବ ବିଜେଡି ସାଧାରଣ ସମ୍ପାଦକ ନିରଂଜନ ବଳ, ସୁଶାନ୍ତ ସାହୁ, ଅଧିର ସାହୁ, ଆଇଟି କୋର୍ଡିନେଟର ସତ୍ୟବାଦୀ ସ୍ୱାଇଁ, ଦିବ୍ୟଜ୍ୟୋତି ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତୀ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ପ୍ରତି ମ୍ୟୁନିସିପାଲିଟି ଓ ପଂଚାୟତସ୍ତରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରୀ ରହିଛି।

## ଗେଙ୍ଗୁଟିଆ ଓ ଭରତପୁର ପାନୀୟ ଜଳ ପ୍ରକଳ୍ପ ଦୁର୍ନୀତି ନେଇ ଲୋକାୟୁକ୍ତଙ୍କ ପକ୍ଷରୁ ତଦନ୍ତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କମାଗଡା ପଂଚାୟତ ଗେଙ୍ଗୁଟିଆ ଓ ଭରତପୁର ଠାରେ ବସୁଧା ଯୋଜନାରେ ପାନୀୟଜଳ ଯୋଗାଣ ପ୍ରକଳ୍ପରେ ହୋଇଥିବା ଦୁର୍ନିତିକୁ ନେଇ ବୁଧବାର ଲୋକାୟୁକ୍ତଙ୍କ ଦ୍ୱାରା ତଦନ୍ତ କରାଯାଇଛି। ସୂଚନା ମୁତାବକ ଏହି ୨ଟି ଗୋଟି ପ୍ରକଳ୍ପରେ ଖର୍ଚ୍ଚ ନେଇ ବିଭାଗ ପକ୍ଷରୁ ପୃଥକ ତଥ୍ୟ ସୂଚନା ଅଧିକାର କର୍ମୀଙ୍କୁ ଦିଆଯାଇଥିଲା। ଏନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଆଜି ପୂର୍ବାହ୍ନରେ ଲୋକାୟୁକ୍ତ ଉପନିର୍ଦ୍ଦେଶକ ମୋହାନ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଗୁଳ ଆରଡବ୍ଲୁଏସଏସର ଅଧିକ୍ଷଣ ଯନ୍ତ୍ରୀ ବିଭୁତି ଭୁଷଣ ପଣ୍ଡା ପ୍ରକଳ୍ପ ସ୍ଥାନରେ ପହଂଚି ମାପଚୁପ କରିବା ସହ ସ୍ଥାନୀୟ ଲୋକମାନଙ୍କୁ ପଚରା ଉଚରା କରି ସମସ୍ତ ବିଷୟରେ ଅବଗତ ହୋଇଥିଲେ। ଲୋକାୟୁକ୍ତ ଟିମ ସହିତ ଚଣ୍ଡିଖୋଲ ଆରଡବ୍ଲୁଏସଏସ ଅଧିକ୍ଷଣଯନ୍ତ୍ରୀ ସୁଶା' ଘଡେଇ, ସହକାରୀ ଯନ୍ତ୍ରୀ କୁଳମଣି ମହାରଣା ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏହି ତଦ'ରେ ସାମିଲ ହୋଇଥିଲେ।

## ଲାଖବିନ୍ଧା ଇସ୍କନ ମନ୍ଦିରରେ ଜନ୍ମାଷ୍ଟମୀ ନିମନ୍ତେ ପ୍ରସ୍ତୁତି ବୈଠକ

ଯାଜପୁର (ପିଏନ୍): ଯାଜପୁର ସହସ୍ଥିତ ଲାଖବିନ୍ଧା ପଡ଼ିଆ ନିକଟସ୍ଥ ଇସ୍କନ ମନ୍ଦିରରେ ଶ୍ରୀ କୃଷ୍ଣଙ୍କ ଜନ୍ମାଷ୍ଟମୀ ଉପଲକ୍ଷେ ମନ୍ଦିରର ପରିଚାଳକ ଶ୍ରୀପାଦ ହରିଭୂଷଣ ଦାସଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ ତାରିଖ ଶୁକ୍ରବାର ଦିବସରେ ଜନ୍ମାଷ୍ଟମି ପ୍ରଚଳିତ ପରମ୍ପରା ନୁଅଯାୟୀ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପାଳନ କରାଯିବା ପାଇଁ ସ୍ଥିର କରାଗଲା। ଅଗଷ୍ଟ ୯ ତାରିଖଠାରୁ କର୍ମକର୍ତାମାନେ ଭକ୍ତମାନଙ୍କୁ ଭେଟି ନିମନ୍ତ୍ରଣ ପତ୍ର ଦେଇ ନିମନ୍ତ୍ରଣ କରାଯାଇଛି। ପାଖାପାଖି ପ୍ରତି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, କୃଷ୍ଣଭେଷ ଓ ନୃତ୍ୟ ପାଇଁ ପ୍ରତିଯୋଗିତା ସମସ୍ତ ବିବରଣୀର ପତ୍ର ପେରିତ ହେବ। ପ୍ରଚଳିତ ଅନୁଯାୟୀ ଉକ୍ତ ଦିବସରେ ମଙ୍ଗଳା ଆରତୀ, ଦର୍ଶନ ଆରତୀ, ନାମ ସଂକୀର୍ତ୍ତନ, ସାଧାରଣ ସଂଧ୍ୟା ଆରତୀ ସଙ୍ଗ ସଙ୍ଗେ ଶତାଧିକ ଭକ୍ତମାନଙ୍କ ଦ୍ୱାରା ଜନ୍ମାଷ୍ଟମୀ ମହାଭିଷେକ କରାଯିବା ପାଇଁ ସ୍ଥିର କରାଗଲା। ସର୍ବଶେଷରେ ସମସ୍ତ ଉପସ୍ଥିତ ଭକ୍ତମାନଙ୍କୁ ମହାପ୍ରସାଦ ସେବନ କରିବା ପାଇଁ ସ୍ଥିର କରାଗଲା। ଉକ୍ତ ବୈଠକରେ ନରେଶ ଚନ୍ଦ୍ର ରାଉତ, ପାଣ୍ଡବ ଚରଣ ସାହୁ, ସତ୍ୟବାନ ରଣା, ଜ୍ୟୋତିନାଥ ଶର୍ମା, ବିଶ୍ୱମୋହନ ପତି, ଶ୍ରୀକାନ୍ତ ନାୟକ, ସୁବୋଧ କୁମାର ଜେନା, ଅଜୟ କୁମାର ଦାସ, ଶ୍ରୀଧର ଧଳ, କରୁଣାକର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ବାଇକ ଶୋଭାଯାତ୍ରା

ଭୁବନେଶ୍ୱର (ପିଏନ୍): ସ୍ୱାଧୀନତା ସଂଗ୍ରାମର ଅମର ବଳିଦାନୀମାନଙ୍କ ସ୍ମୃତି ପୁନର୍ଜୀବିତ କରିବା ତଥା ପ୍ରତ୍ୟେକ ଭାରତୀୟଙ୍କ ମନରେ 'ସ୍ୱ' ଅବବୋଧ ସୃଷ୍ଟି କରିବାର ଲକ୍ଷ୍ୟନେଇ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ସାରା ଦେଶରେ ପାଳନ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ସମାରୋହ ସମିତି, ଭୁବନେଶ୍ୱର ମହାନଗର ତରଫରୁ ଭୁବନେଶ୍ୱରଠାରେ ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମିତି ତରଫରୁ ସକାଳ ୯.୩୦ ମିନିଟରେ ସହିଦ୍ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ବାଇକ ଶୋଭାଯାତ୍ରାରେ ଭୁବନେଶ୍ୱର ମହାନଗର ପରିକ୍ରମା କରିଥିଲା। ଚନ୍ଦକା, ନଖରା, ୟୁନଟ-୮, ତମାଣ୍ଡୋ, ଧଉଳି ଓ ପୁରୁଣା ଭୁବନେଶ୍ୱର ଆଦି ବିଭିନ୍ନ ଅଂଚଳରୁ ଏଇ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ରାଜମହଲ ଛକଠାରେ ପହଁଚିଥିଲେ। ସେଠାରୁ ସମସ୍ତେ ଗୋଟିଏ ଶୋଭାଯାତ୍ରାରେ ମାଷ୍ଟରକ୍ୟାଂଟିନ, ଶ୍ରୀୟା ଛକ, ସତ୍ୟନଗର, ବାୟାବାବାମଠ, ସହିଦ ନଗର, ରୂପାଲୀ, ବାଣୀବିହାର, ଆଚାର୍ଯ୍ୟବିହାର, ଜୟଦେବ ବିହାର ଛକ ଦେଇ ସିଆରପିଏଫ୍ ଛକ ନିକଟରେ ପହଁଚିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବନ୍ଧମୁଣ୍ଡାରେ କଂଗ୍ରେସ ତରଫରୁ ସ୍ୱାଧୀନତାର ଗୌରବ ଯାତ୍ରା



ରାଉରକେଲା, (ପି.ଏନ) : ଗତ ଅଗଷ୍ଟ ୯ କ୍ରାନ୍ତି ଦିବସ ଠାରୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଆରମ୍ଭ କରାଯାଇଥିବା ସ୍ୱାଧୀନତାର ଗୌରବ ଯାତ୍ରା ଆଜି ଚତୁର୍ଥ ଦିନରେ ସାଙ୍ଗଠନିକ ଜିଲ୍ଲାର ୧୦ ନମ୍ବର ବ୍ଲକ୍ ବନ୍ଧମୁଣ୍ଡା ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ସେମାନଙ୍କ ସମ୍ମାନାର୍ଥେ ଅନୁଷ୍ଠିତ ଏହି ଗୌରବ ପଦଯାତ୍ରାରେ ପ୍ରତିକୂଳ ପାଗ ସତ୍ତ୍ୱେ ବନ୍ଧମୁଣ୍ଡା ଅଞ୍ଚଳର ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା କଂଗ୍ରେସ ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବନ୍ଧମୁଣ୍ଡା ଅଞ୍ଚଳରେ ପିସିସି ସଭ୍ୟ ସୁଦନ ତନ୍ତୀ, ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଶଙ୍କର ଅଗ୍ରୱାଲ, ସମ୍ପାଦକ ସୁନୀଲ ସିଂହ, ରାଜେନ୍ଦ୍ର ଶର୍ମା ଓ ଆଦେଶ ସୁନା ପ୍ରମୁଖ ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପିସିସି ପୂର୍ବତନ ସମ୍ପାଦକ ସବୀର ହୁସେନ, ଗଣେଶ ପ୍ରଧାନ ଓ ରଶ୍ମୀରନ ପାଢୀ, ଉପସଭାପତି ଉମେଶ ଶରଣ ଓ କୀର୍ତ୍ତନ ଦାସ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ବ୍ଲକ୍ ଉପସଭାପତି ବିଦ୍ୟାସାଗର ସିଂହ, ମୁଖପାତ୍ର କୈଳାସ ସାହୁ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ପ୍ରଦୀପ ବେହେରା, ସେବାଦଳର ବୁଲୁ ଦାସ, ଡିସିସି କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ଓ ରୁକସାନା ବେଗମ, ଗୀତା ସିଂହ, ରେହେମାନ ଖାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆଜିର ଏହି ପଦଯାତ୍ରା ତିଳିକାନଗର ସ୍ଥିତ ଫୁଲବାରି ସ୍କୁଲ ପ୍ରାଙ୍ଗଣରୁ ଆରମ୍ଭ ହୋଇ ଡିଜେଲ ଛକ, ଶୀତଳ ନଗର ଛକ, ଏ ସେକ୍ଟର, ବି ସେକ୍ଟର, ସି ସେକ୍ଟର ଛକ ଓ ଡି କେବିନ ଛକ ଦେଇ ଡି କେବିନ ଦୁର୍ଗାପୂଜା ମଣ୍ଡପ ଠାରେ ସମ୍ପନ୍ନ ହୋଇଥିଲା । ପଦଯାତ୍ରା ସମୟରେ ବିଭିନ୍ନ ଦୋଶାତ୍ମବୋଧକ ସଙ୍ଗୀତ ଡାକବାଜି ଯନ୍ତ୍ର ଯୋଗେ ପରିବେଷଣ କରାଯିବା ସହିତ ଭାରତ ମାତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଜୟ ଜୟକାର କରାଯାଇଥିଲା । ଏହି ପଦଯାତ୍ରା ସମ୍ପୃକ୍ତ ଅଞ୍ଚଳ ଦେଇ ପରିକ୍ରମା କରିବା ବେଳେ ସାଧାରଣ ଲୋକେ ଏହାକୁ ବେଶ୍ ପସନ୍ଦ କରି କଂଗ୍ରେସ କର୍ମୀମାନଙ୍କୁ ଉତ୍ସାହିତ କରୁଥିବାର ଦେଖିବାକୁ ମିଳିଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଈଶ୍ୱର ପ୍ରଧାନ, ନରେନ୍ଦ୍ର ବର୍ମା, କୁଅଁର ସିଂହ, ଏମ୍‌ଡି ଇରଫାନ, ଆଇନ୍‌ଜୀବୀ ନାଗେଶ୍ୱର ଜଗଦଲ୍ଲା, ବିରେନ୍ଦ୍ର ରଜାକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଦଳ ତରଫରୁ କୁହାଯାଇଛି ।

## ପାଟଣାଗଡ ରେ ଭୁଲିଆ ସାମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ

ବଲାଙ୍ଗିର ,(ପି.ଏନ): ପାଟଣାଗଡ ଭୂଲିଆ ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସ୍ଥାନୀୟ ଭୂଲିଆ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ସମ୍ମୁଖରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଭୂଲିଆ ସମାଜ ର ପାଟଣାଗଡ ସଭାପତି ଡ଼ ବୃନ୍ଦାବନ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ସରୋଜ କୁମାର ମେହେର ମୂଖ୍ୟ ଅତିଥି , ଲକ୍ଷ୍ମଣ ମେହେର ମୂଖ୍ୟ ବକ୍ତା, ଗୋଲାପ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟ କବିତା ରଚନାବଳୀ ର ଉଦ୍ଧୃତ କରି ବାକୁ ଯାଇ ତପସ୍ୱିନୀ,ପ୍ରଣୟବଲ୍ଲରୀ ଇନ୍ଦୁମତୀ, କିଚକବଧ ଉପରେ ସବିଶେଷ ଆଲୋଚନା କରି ଭାଇ ଭାଇ ସୁସମ୍ପର୍କ ରଖି କିପରି ଭୂଲିଆ ସମାଜ କୁ ସବୁକ୍ଷେତ୍ର ଆଗେଇ ଆସିପାରିବ ବକ୍ତା ମାନେ ଉଦବୋଧନ ଦେଇଥିଲେ ।

## ବାବା ବର୍ଫାନି କାୱ୍ଡିଆ ସେବା ମଣ୍ଡଳ ବଲାଙ୍ଗିର ପକ୍ଷରୁ ବୋଲବମ୍ ଭକ୍ତଙ୍କୁ ସେବା

ବଲାଙ୍ଗିର,(ପି.ଏନ): ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ବଲାଙ୍ଗିର ସହରର ବାବା ବର୍ଫାନି କାୱ୍ଡିଆ ସେବା ମଣ୍ଡଳ ପକ୍ଷରୁ ବଲାଙ୍ଗିର, ସୋନପୁର ଓ ବରଗଡ ଜିଲାର ବୋଲବମ୍ ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଛି । ବାବା ବର୍ଫାନି କାୱ୍ଡିଆ ସେବା ମଣ୍ଡଳ ସଦସ୍ୟ ନରେନ୍ଦ୍ର କୁମାର ସାହୁ, ମନୋଜ କୁମାର ମହାନ୍ତି, ସୌମେନ୍ଦ୍ର କୁମାର ପରିଚ୍ଛା ଓ ଆକାଶ ମିଶ୍ରଙ୍କ ନେତୃତ୍ୱରେ ସଦର ବ୍ଲକ ଅନ୍ତର୍ଗତ ବାରପୁଡଗିଆର ରାଜ୍ୟ ରାଜପଥ କଡରେ ଥିବା ଖେଳ ପଡିଆ ଠାରେ ଗତ ୩ଦିନ(୯ ରୁ ୧୧ତାରିଖ) ପର୍ଯ୍ୟନ୍ତ ବୋଲବମ୍ ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା । ଉକ୍ତ ଖେଳ ପଡିଆରେ ସୁଉଚ୍ଚ ତୋରଣ କରାଯାଇଥିଲା । ହରିଶଙ୍କର ତଥା ବିଭିନ୍ନ ଜଳାଶୟରୁ ପାଣି ଆଣି ବଲାଙ୍ଗିର, ସୋନପୁର ଓ ବରଗଡ ଜିଲାର ବିଭିନ୍ନ ଶିବାଳୟରେ ଜଳାଭିଶେକ କରିବାକୁ ବଲାଙ୍ଗିର-ପାଟଣାଗଡ ରାଜ୍ୟ ରାଜପଥରେ ଯାଉଥିବା ହଜାର ହଜାର କାୱ୍ଡିଆ ଏବଂ ସାଧାରଣ ଲୋକଙ୍କୁ ସଂଗଠନ ପକ୍ଷରୁ ଖାଦ୍ୟ, ପାନୀୟ, ଚା, ବିସ୍କୁଟ, ଫଳ, ଔଷଧ ଓ ଡାକ୍ତରୀ ସେବା ଅନବରତ ଭାବେ ୭୨ ଘଣ୍ଟା ଧରି ଯୋଗାଇ ଦିଆଯାଇଥିଲା । ଏପରିକି କାୱ୍ଡିଆଙ୍କ ମନୋରଂଜନ ପାଇଁ ତିନଦିନ ଧରି ପଂଚମ ପକ୍ଷରୁ ଭଜନ ସଂଧ୍ୟା ମଧ ଆୟୋଜନ କରାଯାଇଥିଲା । ବିଗତ ୧୩ ବର୍ଷ ହେଲା ସଂଗଠନ ପକ୍ଷରୁ ଏହିପରି କାୱ୍ଡିଆମାନଙ୍କୁ ସେବା ଯୋଗାଇ ଦିଆଯାଉଛି । କିନ୍ତୁ ଗତ ୨ବର୍ଷ କୋରୋନା ମହାମାରୀ ଯୋଗୁଁ ଏହି ସେବା ବନ୍ଦ ଥିଲା ତେଣୁ ଚଳିତ ବର୍ଷ ବହୁ ଉତ୍ସାହ ସହ ସଂଗଠନର ସଦସ୍ୟ ଓ ବୋଲବମ୍ ଭକ୍ତମାନେ ଯୋଗଦେଇଥିଲେ । ସଗଠନର ସଦସ୍ୟ ସିତାରାମ ମେହେର, କମଲ କିଶୋର ଅଗ୍ରୱାଲ, ମନୋଜ ସାହୁ, ସିଦ୍ଧାର୍ଥ ପଟେଲ, ମୁନ୍ନାଲାଲ ଅଗ୍ରୱାଲ, ଭାବେଶ ପଟେଲ, ପ୍ରଶାନ୍ତ ବିଶ୍ୱାଲ, ରାଧେଶ୍ୟାମ ସାହୁ, ବିକାଶ ଅଗ୍ରୱାଲ, ସୁରେନ୍ଦ୍ର ସାହୁ, ନରୋତମ ପଟେଲ, ସୁରିନ୍ଦର ସିଂ, ରାଜେନ୍ଦ୍ର ସାହୁ, ସୁବାସ ଅଗ୍ରୱାଲ, ଦର୍ଶନ, ଜନ୍ମଜଂୟ, ସନ୍ଦିପ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ଦେବଦତ ମିଶ୍ର, ସିମାଚଂଳ ପଣ୍ଡା, ମନୋଜ କେଜ୍ରିୱାଲ, ଜମ୍ବୋ ୱାଧାନୀ ଓ ଲାଲା ପ୍ରମୁଖ ଆର୍ଥିକ ସହଯୋଗ କରିବା ସହ ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।ଏହି ଅବସରରେ ସହଯୋଗ କରିଥିବା ସମସ୍ତ ସଂଗଠନ ଓ କର୍ମକର୍ତାଙ୍କୁ ବାବା ବର୍ଫାନି କାୱ୍ଡିଆ ସେବା ମଣ୍ଡଳ ପକ୍ଷରୁ ସମର୍ଦ୍ଧିତ କରାଯାଇଥିଲା । ଗତ ମଙ୍ଗଳବାର ସକାଳୁ ଆରମ୍ଭ ହୋଇଥିବା ଏହି ସେବା ଶୁକ୍ରବାର ସକାଳରେ ସମାପ୍ତ ହୋଇଥିଲା । ଯେ କୌଣସି ବ୍ୟକ୍ତି ବିଶେଷ ଏଠାକୁ ଆସିଲେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସଂଗଠନ ସମସ୍ତ କର୍ମକର୍ତା ନିଜସ୍ୱ ଆର୍ଥିକ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଥିବା ବେଳେ ଆଗାମୀ ବର୍ଷ ଏହି କାର୍ଯ୍ୟକ୍ରମ ଆହୁର ଭବ୍ୟ କରାଯିବା ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଥିଲା ।

## ଦାରିଙ୍ଗବାଡ଼ି ରେ ଶିଶୁ ମଙ୍ଗଳ ସମିତିର ଭ୍ରାମ୍ୟମାଣ ଅଦାଲତ

କନ୍ଧମାଳ .(ପି.ଏନ): କନ୍ଧମାଳ ଜିଲ୍ଲା ଶିଶୁ ମଙ୍ଗଳ ସମିତି ,ଜିଲ୍ଲା ଶିଶୁ ସୁରକ୍ଷା କମିଟି କନ୍ଧମାଳ, ଶିଶୁ ସମନ୍ୱିତ ପ୍ରକଳ୍ପ ଦାରିଙ୍ଗବାଡି, ଓ ପ୍ରେମ୍ ଏଡୁକୋ ସଂସ୍ଥା ଆନୁକୁଲ୍ୟରେ ଦାରିଙ୍ଗବାଡି ପଞ୍ଚାୟତ ସମିତି ସଭା ଗୃହରେ ସେବା ଓ ଯତ୍ନ ଆବଶ୍ୟକ କରୁଥିବା ଶିଶୁ ମାନଙ୍କ ପାଇଁ କନ୍ଧମାଳ ଜିଲ୍ଲା ଶିଶୁ ମଙ୍ଗଳ ସମିତି ର ଭ୍ରାମ୍ୟମାଣ ଅଦାଲତ କ୍ୟାମ୍ପ୍ ଅନୁଷ୍ଠିତ ହୋଇଯାଇଛି । ଏହି କ୍ୟାମ୍ପ ରେ ଦାରିଙ୍ଗବାଡ଼ି ବ୍ଲକ୍ ର ୧୧ ଗୋଟି ଗ୍ରାମ ପଞ୍ଚାୟତର ୬୯ ଜଣ ସେବା ଓ ଯତ୍ନ ଆବଶ୍ୟକ କରୁଥିବା ଶିଶୁ ସେମାନଙ୍କର ଅଭିଭାବକ ଙ୍କ ସହିତ ଯୋଗ ଦେଇଥିଲେ । ଏହି କ୍ୟାମ୍ପ ରେ ୬୯ ଜଣ ଶିଶୁ ଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଚିହ୍ନଟ କରି ସେମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା ଯଥା । ଆଶୀର୍ବାଦ ଯୋଜନା, ଭିନ୍ନକ୍ଷମ ଯୋଜନା, ସ୍ୱନ୍ସରସିପ୍ ଯୋଜନା ଇତ୍ୟାଦି ରେ ଅନ୍ତର୍ଭୁକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ଶିଶୁ ମଙ୍ଗଳ କମିଟି ର ଅଧକ୍ଷ ଅଶୋକ କୁମାର ବେହେରା ଓ କମିଟି ର ସଦସ୍ୟା ଶ୍ରୀମତୀ ଜୟନ୍ତୀ ପାଣିଗ୍ରାହୀ ଓ ଶ୍ରୀମତୀ କଳ୍ପନା ମହାନ୍ତି ଉପସ୍ଥିତି ଥିଲେ, ଏଥି ସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ରଶ୍ମିତା କରନ, ଦାରିଙ୍ଗବାଡ଼ି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଦାଧର ପାତ୍ର ଶିଶୁ ସମନ୍ୱିତ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ଅଞ୍ଜଳି ମହାପାତ୍ର ଏବଂ ବରିଷ୍ଠ ସୁପରଭାଇଜର ଶ୍ରୀମତୀ ଶକୁନ୍ତଳା ନାୟକ ,ସ୍ଥାନୀୟ ଦାରିଙ୍ଗବାଡ଼ି ସରପଞ୍ଚ ଶ୍ରୀମତୀ ଚନ୍ଦ୍ରିକା ମଲ୍ଲିକ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲା ଚାଇଲଡ଼ ଲାଇନ ଓ ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ଦାରିଙ୍ଗବାଡ଼ି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଦାଧର ପାତ୍ର ଜିଲ୍ଲା ପ୍ରଶାସନ,ଜିଲ୍ଲା ଶିଶୁ ମଙ୍ଗଳ ସମିତି ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଏଭଳି ପଦକ୍ଷେପ କୁ ପ୍ରଶଂସା କରି ସ୍ୱାଗତ କରିଥିଲେ ଏବଂ ଆଗମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ କରିବା ପାଇଁ ପୁନର୍ବାର ଜିଲ୍ଲା ପ୍ରଶାସନ କୁ ଅନୁରୋଧ କରି ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ରଶ୍ମିତା କରନ ପରିଚାଳନା କରିଥିବା ବେଳେ ପ୍ରେମ୍ ର ପ୍ରକଳ୍ପ ଅଧିକାରୀ ସୁଧୀର କୁମାର ଦିଗାଲ, ପ୍ରେମ୍ ସଂସ୍ଥାର କର୍ମକର୍ତ୍ତା ,ଦାରିଙ୍ଗବାଡ଼ି ବ୍ଲକ୍ ର ସମସ୍ତ ସୁପରଭାଇଜର, ଓ ଅଙ୍ଗନୱାଡ଼ି କର୍ମୀମାନେ ସହଯୋଗ କରିଥିଲେ ।

## ବଲାଙ୍ଗିର ଜିଲ୍ଲା ବେଂଚପ୍ରେସ (ପୁରୁଷ ଓ ମହିଳା) ଓ ମେନ୍ସ ଫିଜିକ୍ ପ୍ରତିଯୋଗିତା ଉଦଯାପିତ

ବଲାଙ୍ଗିର,(ପି.ଏନ): ଜିଲ୍ଲା ବେଂଚପ୍ରେସ (ପୁରୁଷ ଓ ମହିଳା) ଓ ମେନ୍ସ ଫିଜିକ୍ ପ୍ରତିଯୋଗିତା ଏବିଏସ୍‌ଏସ୍ ରୋଡ ସ୍ଥିତ ଅନ୍ ଫିଟନେସ ଠାରେ ଉଦଯାପିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ସମସ୍ତ ଜିମ୍ ରୁ ପୁରୁଷ ଓ ମହିଳା ପ୍ରତିଯୋଗୀମାନେ ଭାଗ ନେଇଥିଲେ । ପ୍ରଥମ ଥର କରି ଜିଲ୍ଲାରେ ଆୟୋଜିତ ବେଂଚ ପ୍ରେସ ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିମାନେ ଭାଗ ନେଇ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ପ୍ରଥମ ଦିନ ଅନୁଷ୍ଠିତ ବେଂଚ ପ୍ରେସ ପ୍ରତିଯୋଗିତାରେ ୫୯ କେଜି ବର୍ଗରେ ରୋହନ ସୁନା, ଅକ୍ଷୟ ସାହୁ ଓ ସୁମନ୍ଦ ନନ୍ଦ । ସେହିପରି ୬୬ କେଜି ବର୍ଗରେ ମନୋରଂଜନ ସାହୁ, ଦିପକ ପରିଡା, ନିଖିଲ ସୁନା, ୭୪ କେଜି ବର୍ଗରେ ରାଜ ରାଏ, ଆଲୋକ ସାଗର, ବିଷ୍ଣୁ ନାଏକ, ୮୩ କେଜି ବର୍ଗରେ ରାମ ଖର୍ସେଲ, ଯୁବରାଜ ବରୁଆ, ଆନନ୍ଦ ଛତର, ୯୩ କେଜି ବର୍ଗରେ ସାର୍ଥକ କୁମାର, ପ୍ରଫୁଲ୍ଲ ଛତ୍ରିଆ ଓ ସତିସ ଦେହୁରୀ ନିଜ ନିଜ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ ।

## ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ଫେସନ ସୋ ରେ 'ସୁବର୍ଣ୍ଣାଶ୍ରୀ'ର ଅଂଶଗ୍ରହଣ

ସୁବର୍ଣ୍ଣପୁର,(ପି.ଏନ): ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତ ଶିଳ୍ପ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଏକାମ୍ର ହାଟରେ ଅଷ୍ଟମ ରାଜ୍ୟ ରାଷ୍ଟ୍ରୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ବୟନିକା ଦ୍ୱାରା ତା ୧୦/୦୮/୨୨ ରେ ଆୟୋଜିତ ଫେସନ ସୋ ରେ ସୁବର୍ଣ୍ଣାଶ୍ରୀର ପ୍ରଡୁସର କମ୍ପାନୀ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଫେସନ ସୋ ରେ ସୁବର୍ଣ୍ଣପୁର ସୁବର୍ଣାଶ୍ରୀର ପ୍ରଡୁସର କମ୍ପାନୀ ତରଫରୁ ଜିଲ୍ଲାର ବୁଣାକାର ତଥା ମହିଳା ବୁଣାକାର ମାନଙ୍କ ଦ୍ୱାରା ଉତ୍ପାଦିତ ଉନ୍ନତ କଳା କୌଶଳ ତଥା ସୁକ୍ଷ୍ମ କାରୁକାର୍ଯ୍ୟପୁର୍ଣ ହସ୍ତ ତନ୍ତ କଟନ ବାନ୍ଧ ଶାଢ଼ୀ, ବୋମକେଇ ଡିଜାଇନ ଶାଢ଼ୀ ତଥା ସିଲ୍କ ବାନ୍ଧ ଶାଢ଼ୀ ଓ ବୋମକେଇ ଡିଜାଇନ ଶାଢ଼ୀ ପ୍ରଦର୍ଶନ କରାଯାଇଥିଲା । ରାଜ୍ୟ ବାହାର ମଡେଲ ମାନଙ୍କ ଦ୍ୱାରା ଆଧୁନିକ ଶୈଳୀରେ ହସ୍ତତନ୍ତର ବଡି ଡିଜାଇନ ତଥା ଆଂଚଳ ଡିଜାଇନକୁ ଖୁବ ସୁନ୍ଦର ଭାବରେ ପରିବେଷଣ କରିଥିଲେ ଯାହାକି ଉପସ୍ଥିତ ଥିବା ଅତିଥି ବୃନ୍ଦ ତଥା ଅଗଣିତ କ୍ରେତା, ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବା ସହିତ ବହୁଳ ଭାବରେ ଆଦୃତ ହୋଇ ପାରିଛି ।ସୁବର୍ଣ୍ଣପୁରର ସୁବର୍ଣାଶ୍ରୀ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଓ ଓରମାସ ଦ୍ୱାରା ପ୍ରୋତ୍ସାହିତ ଜିଲ୍ଲାର ମହିଳା ସ୍ୱଂୟ ସହାୟକ ଗୋଷ୍ଠି ମାନଙ୍କ ଗଠିତ ଏକ ପ୍ରମୁଖ ହସ୍ତ ତନ୍ତ ଉତ୍ପାଦକ ସଂସ୍ଥା । ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ବଳିଷ୍ଠ ନେତୃତ୍ୱ ତଥା ଦିଗଦର୍ଶନ ଦ୍ୱାରା ପରିଚାଳିତ ''ସୁବର୍ଣା ଶ୍ରୀ'' ଜିଲ୍ଲା ହସ୍ତ ତନ୍ତ ଶିଳ୍ପର ବହୁଳ ଭାବରେ ପ୍ରଚାର, ପ୍ରସାର ସହ ବଜାରୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ରାଜ୍ୟ ସରକାରଙ୍କ ହସ୍ତ ତନ୍ତ, ବୟନଶିଳ୍ପ ଓ ହସ୍ତ ଶିଳ୍ପ ବିଭାଗର ସଚିବ ତଥା କମିଶନର ଶ୍ରୀମତୀ ଶୁଭା ଶର୍ମା, ଆୟୋଜିତ ଫେସନ ସୋରେ ସୁବର୍ଣ୍ଣପୁର ଜିଲ୍ଲାର ଅଂଶଗ୍ରହଣକୁ ଅନୁମତି ପ୍ରଦାନ ପୂର୍ବକ ସମସ୍ତ ପ୍ରକାର ସହଯୋଗ କରିଥିବା ବେଳେ ଉକ୍ତ ହସ୍ତତନ୍ତ ଫେସନ ସୋରେ ଜିଲ୍ଲାର ଅଂଶ ଗ୍ରହଣ ଜିଲ୍ଲାପାଳ ଶ୍ରୀମତୀ ନରୱଣେ ଙ୍କ ବଳିଷ୍ଠ ଉଦ୍ୟମ ଓ ତତ୍ତ୍ୱାବଧାନରେ ଉପନିର୍ଦ୍ଦେଶକ ବୟନଶିଳ୍ପ ସୋନପୁର ଶାନ୍ତନୁ କୁମାର ମେହେର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓରମାସ ଯୁବରାଜ ସାହୁ, ଡି ପି ସି ମିଶନ ଶକ୍ତି କାର୍ତିକ ଚନ୍ଦ୍ର ନାୟକ ପ୍ରମୁଖଙ୍କ ପରିଚାଳନା ଓ ସହଯୋଗରେ ସଫଳ ହୋଇପାରିଛି । ଫେସନ ସୋ ଆୟୋଜକ- ପରିଚାଳନା ନିର୍ଦ୍ଦେଶକ, ବୟନିକା ଶ୍ରୀ ଶ୍ୟାମଭକ୍ତ ମିଶ୍ର, ତଥା ବୟନିକା ର ଉଚ୍ଚ ପଦାଧିକାରୀ ଓ ବାଣିଜ୍ୟ ବିଭାଗର ଦକ୍ଷ ଟିମ ପୂର୍ଣ୍ଣ ମାତ୍ରାରେ ସହଯୋଗର ହାତ ବଢ଼ାଇ ଥିଲେ । ଏମ ସି ଏଲ-ସମ୍ବଲପୁର ଫେସନ ସୋ ର ପ୍ରଚାର ପ୍ରସାର ନିମନ୍ତେ ଆର୍ଥିକ ସହଯୋଗ ପ୍ରଦାନ କରିଥିଲେ ।ଏହି ଫେସନ ସୋ ର ସଫଳତା ନିମନ୍ତେ ସମସ୍ତ ସମ୍ପୃକ୍ତ ଅଧିକାରୀ, ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ପ୍ରମୁଖଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ କୃତଜ୍ଞତା ଜ୍ଞାପନ ପୂର୍ବକ ଧନ୍ୟବାଦ ପ୍ରଦାନ କରାଯାଇଛି ।

## ଗଙ୍ଗାଧରଙ୍କ ସାହିତ୍ୟ ସାମାଜିକ ସଚେତନତାର ସାରଥୀ

ବଲାଙ୍ଗିର,(ପି.ଏନ): ପବିତ୍ର ଶ୍ରାବଣ ପୂର୍ଣ୍ଣମା ଅବସରରେ ସ୍ଥାନୀୟ ଟିକ୍ରାପଡା ଠାରେ ଶିଶୁ ବିକାଶ କେନ୍ଦ୍ର ବଲାଙ୍ଗିର ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତି ପାଳିତ ହୋଇଯାଇଛି । ବରିଷ୍ଠ ଆଇନଜିବୀ ଜୟରାମ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ କବି ଗଙ୍ଗାଧରଙ୍କ ସାହିତ୍ୟ ରେ ସାଧାରଣ ଜନ ଜୀବନର କଥା ଠୁ ଆମ୍ଭ କରି ପ୍ରକୃତି ପରିବେଶ, ନାରୀ ଚରିତ୍ର, ସମାଜ ସଂସ୍କାର ତଥା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

## ମୌଳିକ ସୁବିଧାରୁ ବଂଚିତ ଗାଜୋଲବନ୍ଧା ଗ୍ରାମବାସୀ

ମାଲକାନଗିରି, (ପି.ଏନ): ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀ ବହୁଳ ଅଂଚଳର ବିକାଶ ପାଇଁ ଯୋଜନା ପରେ ଯୋଜନା କରି ଚାଲିଛନ୍ତି । କିନ୍ତୁ କରାଯାଇଥିବା ଯୋଜନାର କାର୍ଯ୍ୟକାରୀ ସଠିକ ରୂପେ ହୋଇ ପାରୁନଥିବାରୁ, ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ଲୋକେ । ଗାଜୋଲବନ୍ଧା ଗାଁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ବେଳେ ଟଙ୍କାକିଆ ଚାଉଳ ହୋଇଛି ସାତ ସପନ । ସାରା ଦେଶ ସ୍ୱାଧିନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଏହି ଅଂଚଳ ବାସୀଙ୍କ ପାଇଁ ଯେପରି ମୌଳିକ ସୁବିଧା ସାତ ସପନ ପାଲଟିଛି । ଉପାନ୍ତ ପାହାଡୀ ଲୋକଙ୍କ ପାଇଁ ସରକାରୀ ସୁବିଧା ଆଜି ବି ଅପହଂଚ । ଆଜି ବି ଲୋକଙ୍କ ପାଖରେ ପହଂଚିପାରିନି ଅଙ୍ଗନୱାଡି, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା । ଗାଜୋଲବନ୍ଧା ଗାଁକୁ ରାସ୍ତା ଘାଟ ନଥିବାରୁ କୌଣସି ସରକାରୀ କର୍ମଚାରୀ ବା ସରକାରଙ୍କ ଯୋଜନା ପହଂଚିନାହିଁ ଏହି ଆଦିବାସୀ ବହୁଳ ଅଂଚଳରେ । ଏ ହେଉଛି, କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଚାଂୟତର ଗାଜୋଲବନ୍ଧା ଗାଁର ଦୃଶ୍ୟ । ଏହି ଗାଁରେ ଆଜି ସୁଦ୍ଧା କୌଣସି ସରକାରୀ କର୍ମଚାରୀ ଅବା କୌଣସି ରାଜନେତାଙ୍କ ପାଦ ପଡିନାହିଁ । ଗାଁକୁ ଯାତାୟାତ ପାଇଁ ରାସ୍ତା ନଥିବା କାରଣରୁ, ବର୍ଷ ବର୍ଷ ଧରି ଏହି ଜଙ୍ଗଲ ପାହାଡ ମଧ୍ୟଦେଇ ଯାତାୟାତ କରିବାକୁ ପଡୁଛି ଲୋକଙ୍କୁ । କାହାକୁ ଯଦି ରୋଗ ବ୍ୟାଧି ହୁଏ, ଅଥବା କୌଣସି ମହିଳା ଯଦି ଗର୍ଭ ଯନ୍ତ୍ରଣରେ ଛଟପଟ ହୁଏ, ତେବେ ଭାରରେ ବୋହି ୪ କିଲୋମିଟର ପାହାଡ ପର୍ବତ ମଧ୍ୟ ଦେଇ ଖାଲଖମରା ପୂର୍ଣ ପଥୁରିଆ ରାସ୍ତାକୁ ଅତିକ୍ରମ କରି ନିକଟସ୍ଥ ଗାଁକୁ ଯାଇ, ସେଠାରୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥାନ୍ତି । ଗାଁରେ ନାନା ସମସ୍ୟା ଲାଗି ରହିଥିଲେ ବି କୌଣସି ଅଧିକାରୀଙ୍କ ଦୃଷ୍ଟି ପଡିନାହିଁ ବର୍ତମାନ ସୁଦ୍ଧା ଏହି ଗାଁ ଉପରେ । ଏଭଳିକି ଗାଁରେ କାହାରି ପାଖରେ ନାହିଁ ରାସନ କାର୍ଡ ଖଣ୍ଡିକ । ଦୀର୍ଘ ବର୍ଷ ଧରି ଜଳକଷ୍ଟ ହେଉଥିଲେ ମଧ ଦୂଷିତ ଜଳକୁ ରୋଷେଇ ଠାରୁ ଆରମ୍ଭ କରି ପିଇବା ପାଣି ରୂପେ ବ୍ୟବହାର କରିବାକୁ ପଡୁଛି ଲୋକଙ୍କୁ । ଗାଁକୁ କେବଳ ବିଦ୍ୟୁତ ସଂଯୋଗ କରିଦେଇ ଭୁଲିଗଲେ ରାଜ୍ୟ ସରକାର ଏହିଭଳି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା ।ଗାଁ ସମ୍ପୂର୍ଣ ପାହାଡ ଉପରେ ଥିବା ଯୋଗୁଁ ଏଠି ଆଜିସୁଦ୍ଧା ପହଂଚି ପାରିନି ସରକାରଙ୍କ ବିକାଶମୂଳକ ଯୋଜନା । ପରିବାର ପ୍ରତିପୋଷଣ ପାଇଁ କୌଣସି ରୋଜଗାର ପନ୍ଥା ନଥିବାରୁ କାଠ କୋଇଲା ବିକ୍ରି କରି ବହୁ କଷ୍ଟରେ ଚଳାନ୍ତି ପରିବାର । ଜିଲ୍ଲା ପ୍ରଶାସନ ଏମାନଙ୍କ ପ୍ରତି ଦୃଷ୍ଟି ଦେଉନଥିବା କାରଣରୁ ନିଜ କଷ୍ଟକୁ ନିଜେ ଆଦରି ୧୫ କିଲୋମିଟର ମୁଣ୍ଡରେ, କାନ୍ଧରେ କାଠ କୋଇଲା ବୋହି ବୋହି ନେଇ ବସ୍ତା ୧୦୦ ଟଙ୍କାରେ ବିକ୍ରି କଲେ ଚଳୁଛି ଏମାନଙ୍କ ପରିବାର । ଏତିକିରେ ବି ସରୁନି ଏମାନଙ୍କ ଦୁଃଖ , ଆର୍ଥିକ ସ୍ଥିତି ସ୍ୱଳ୍ପ ହେବା ଯୋଗୁଁ ୬ ମାସରୁ ଉର୍ଦ୍ଧ ଗର୍ଭବତୀ ମହିଳା ଜଣକ ମଧ୍ୟ ମୁଣ୍ଡରେ ବସ୍ତା ବୋହି ୧୫ କିଲୋମିଟର ଚାଲି ଚାଲି ଯାଇ କୋଇଲା ବିକ୍ରି କରିବାକୁ ପଡୁଛି । ତଥାପି ହାର ମାନି ନାହାନ୍ତି ଅଂଚଳ ବସିନ୍ଧା । ରାଜ୍ୟ ସରକାର ଗରିବ ଦୁଖୀଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି, କାମଧନ୍ଦା କରି ପରିବାର ପୋଷଣ ପାଇଁ ମନରେଗା ଯୋଜନାରେ କାର୍ଯ୍ୟ ମଧ ଯୋଗେଇ ଦେଇଛନ୍ତି, କିନ୍ତୁ ଆଜି ବି ପ୍ରକୃତ ହିତାଧିକାରୀ ସମସ୍ତ ସରକାରୀ ଯୋଜନରୁ ବଂଚିତ ରହିଛନ୍ତି । ତେବେ, ଆଉ କେତେ ଦିନ ପରେ ପ୍ରଶାସନର ନଜର ପଡିବ ଏହି ଗରିବ ଦୁଖୀଙ୍କ ପ୍ରତି ତାହାକୁ ଅପେକ୍ଷା କରି ରହିଛନ୍ତି ଗାଜୋଲବନ୍ଧା ବାସିନ୍ଧା ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Saturday August 13, 2022 ଭୁବନେଶ୍ୱର ଶନିବାର, ଅଗଷ୍ଟ ୧୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ୭୫ ମିଟର ଲମ୍ବ ଜାତୀୟ ପତାକା ଉଡାଇଲା ରଣପୁର କଂଗ୍ରେସ

ରଣପୁର,(ପି.ଏନ):ସ୍ୱାଧୀନତାର ୭୫ ବର୍ଷ ଅବସରରେ ଜାତୀୟ କଂଗ୍ରେସର ତ୍ୟାଗ ଓ ବାଳିଦାନ ସ୍ମୃତିରେ ସ୍ୱାଧୀନତାର ଗୌରବ ଯାତ୍ରା ଆଜି ରଣପୁର ପଞ୍ଚୁଦୋଳ ପଡିଆ ସ୍ଥିତ ପୂଜ୍ୟ ରଘୁ–ଦିବାକରଙ୍କ ପ୍ରତିମୂର୍ତିରେ ମଲ୍ୟାର୍ପଣ କରି,ଏକ ପଦଯାତ୍ରା ଆରମ୍ଭ ହୋଇଥିଲା।କଂଗ୍ରେସର ନେତୃମାଣ୍ଡଳୀ ମାନେ,ରଣପୁର ପଞ୍ଚୁଦୋଳ ପଡ଼ିଆଠାରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତିର ଖୁସି ମୁହୂର୍ତ୍ତରେ ୭୫ମିଟର ଜାତୀୟ ପତାକା ଉଡାଇ ଦେଶପ୍ରେମ ଓ ଧର୍ମନିରପେକ୍ଷ ଭାରତ ବର୍ଷର ଭାଇଚାରା ଦେଶପ୍ରେମ ଉଦ୍ରେକ କରିଥିଲେ।ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ,ରନ୍ଧନ ଗ୍ୟାସ ଦର ବୃଦ୍ଧି,ରୋଜଗାର ନପାଇ କୋଟି କୋଟି ଯୁବକ ବେକାର,ଦେଶର ଅର୍ଥନୀତି ନିମ୍ନଗାମୀ, କଂଗ୍ରେସ ଶାସନରେ ପ୍ରତିଷ୍ଠିତ ଲାଭଦାୟକ ରାଷ୍ଟ୍ରାୟତ ଉଦ୍ୟଗ ଅମ୍ବାନୀ ଓ ଅଦାନୀଙ୍କୁ ସାଗମାଛ ଦରରେ ବିକ୍ରି,ପ୍ରମୁଖ ବିରୋଧୀ ନେତାଙ୍କ ବିରୋଧରେ ଇଡ଼ି,ସିବିଆଇ ଲଗାଇ ବିରୋଧୀ ସ୍ୱରକୁ ଚାପିଦେବା ପାଇଁ ପ୍ରତିଶୋଧ ରାଜନୀତି ଦେଶର ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି




କଂଗ୍ରେସ ନେତୃମାଣ୍ଡଳୀ ଉପସ୍ଥାପନ କରିଥିଲେ।କଂଗ୍ରେସ ଯୁବନେତା ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଗୌରବ ଯାତ୍ରାରେ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାସ,ବ୍ଲକ କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ଜେନା,ମହିଳା କଂଗ୍ରେସ ସଭାପତି ପ୍ରତିମା ଜେନା,ଜିଲ୍ଲା ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି ମୀର୍ ଆବୁବକର ସିଦ୍ଦିକ,ଛାତ୍ରକଂଗ୍ରେସ ଜ୍ୟୋତିରଞ୍ଜନ ଦାସ,କିଷାନ ସେଲ ସଭାପତି ଧ୍ରୁବଚରଣ ପରିଡା,ଉପ ସଭାପତି ଶତ୍ରୁଘନ ପାଇକରା,ସାଧାରଣ ସମ୍ପାଦକ ବାଳକୃଷ୍ଣ ଷଡ଼ଙ୍ଗୀ,ଓଡ଼ଗାଁ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ,ରଣପୁର ବ୍ଲକ ଯୁବକଂଗ୍ରେସ ସଭାପତି ଜିତେନ୍ଦ୍ର ପ୍ରଧାନ,ମଦନମୋହନ ବିଶୋଇ,ଆଇଏନଟିୟୁସି ଉପ-ସଭାପତି ଆଲୋକ ଚନ୍ଦ୍ର ପ୍ରଧାନ,ପ୍ରକାଶ ଚନ୍ଦ୍ର ନାୟକ,ବାଦଲ ପ୍ରଧାନ,କୃଷ୍ଣ ଚନ୍ଦ୍ର ସେଠି,ଅନିଲ ପରିଡା,ଲୀୟକତ ଅଲି ସମେତ ସହ ସହ ଦଳୀୟ କର୍ମୀ ସ୍ୱାଧୀନତାର ଗୌରବ ଯାତ୍ରାରେ ସାମିଲ ହୋଇଥିଲେ।

## ଯୁରିଆ ଓ ଡିଏପି ସାର ତୁରନ୍ତ ଯୋଗାଇଦେବାକୁ ଓସ୍ତପୁର ସମିତି ସଭାପତିଙ୍କ କୃଷି ଉପନିର୍ଦ୍ଦେଶକଙ୍କୁ ଦାବି

କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ଓସ୍ତପୁର ସମିତିକୁ ତୁରନ୍ତ ଯୁରିଆ ଓ ଡିଏପି ସାର ଯୋଗାଇ ଦେବାକୁ କୃଷି ଉପନିର୍ଦ୍ଦେଶକ, କେନ୍ଦ୍ରାପଡାଙ୍କୁ ଏକ ପତ୍ର ଲେଖି ଦାବି କରିଛନ୍ତି। ତାଙ୍କ ପତ୍ରରେ ଉଲ୍ଲେଖ ରହିଛି ଯେ ସେହି ସମିତିଟି ଓସ୍ତପୁର ଏବଂ କଂସାର ଦୁଇଗୋଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। ସେହି ପଞ୍ଚାୟତ ଦୁଇଟିର ଚାଷୀମାନେ ଚାଷକାର୍ଯ୍ୟ କରୁଥିବା ବେଳେ ୟୁରିଆ ଏବଂ ଡିଏପି ସାରର ଘୋର ଅଭାବ ଯୋଗୁଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ସାର ନେବାକୁ ଦୈନିକ ଚାଷୀମାନେ ସମିତିକୁ ଆସି ସାର ନଥିବାରୁ ନିରାଶ ହୋଇ ଫେରୁଛନ୍ତି।

# ପାରାଦୀପ ସ୍ଥିତ ଜେ ଏସ ଡ ବ୍ଲୁ କାର୍ଯ୍ୟାଳୟ ପରିସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): ପାରାଦୀପ ସ୍ଥିତ ଜେ ଏସ ଡ ବ୍ଲୁ କାର୍ଯ୍ୟାଳୟ ପରିସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ କମ୍ପାନୀର ସୁରକ୍ଷା ଓ ପ୍ରଶାସନିକ ବିଭାଗର ବରିଷ୍ଠ ଅଧିକାରୀ ଲେଫଟନାଣ୍ଟ କର୍ଣ୍ଣ ?ଲ ଦାବିନ୍ଦର ସାଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଜାଦୀ କି ଅମୃତ ମହୋତ୍ସବ ତଥା ୭୫ ତମ ସ୍ୱାଧିନତା ଦିବସ ପାଳନ ଅବସରରେ ହର୍ ଘର୍ ତ୍ରିରଙ୍ଗା ଲଗାଇବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ତିନି ଦିନ ଧରି ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଭାରତୀୟ ପାଳନ କରିବାକୁ କୁହାଯାଇଛି।ଏହା ଆମ ହୃଦୟରେ ଦେଶ ପ୍ରେମ ଜାଗ୍ରତ କରିବା ସହିତ ଜାତୀୟତା ବୋଧର ଅନୁଭବ ଆଣିବ । ଏହି ଅବସରରେ ଲେଫଟନାଣ୍ଟ କର୍ଣ୍ଣଲ ଦାବିନ୍ଦର ସାଙ୍ଗା ଜେ ଏସ ଡ ବ୍ଲୁ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ସ୍ଥାନୀୟ କର୍ମଚାରୀ ମାନଙ୍କୁ ଜାତୀୟ ପତାକା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ କେ ସି ଶ୍ରୀବାସ୍ତବ,ବିଭୁ ପ୍ରସାଦ ନନ୍ଦ, ସୁବାଷ ପରିଡ଼ା, ଅକ୍ଷୟ କୁମାର ପତି, ଅଭିଜିତ ମହାନ୍ତି,ରିତେଶ ଗୁପ୍ତା, ପ୍ରଶାନ୍ତ ପାଟିଲ,ରାଜ କିଶୋର ନାଲା, ସରୋଜିନୀ ଜେନା,ଉଦୟ ସାହୁ , ପିନାକୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବୃକ୍ଷ ଦେବତାଙ୍କୁ ରାକ୍ଷୀ ବାନ୍ଧିଲେ ମହିଳା ସ୍ୱେଚ୍ଛାସେବୀ

ଚଣ୍ଡିଖୋଲ,(ପିଏନ): ରକ୍ଷା ବନ୍ଧନ ଏକ ସ୍ୱତନ୍ତ୍ର ଇଶ୍ୱରୀୟ ବନ୍ଧନର ପ୍ରତିକ। ଏମିତି ଏକ ସେହ୍ନ ଶ୍ରଦ୍ଧାର ବାର୍ତାନେଇ ପ୍ରତିବର୍ଷ ଶ୍ରାବଣ ମାସରେ ଆସିଥାଏ ରାକ୍ଷୀ ପୁର୍ଣ୍ଣିମା। ଭାଇ ଓ ଭଉଣୀ ଭିତରେ ସମ୍ପର୍କ ଅତି ମହାନ ଓ ପବିତ୍ର। ସମ୍ପର୍କର ଏକ ମହାନତା ପବିତ୍ରତାକୁ ପ୍ରତ୍ୟାସ୍ମରଣ କରାଇଦେବା ସଙ୍ଗେ ସଙ୍ଗେ ନାରୀ ଜାତିର ସୁରକ୍ଷା ବିଷୟରେ ସମଗ୍ର ମାନବ ସମାଜକୁ ସଚେତନ କରାଇଦିଏ ଶ୍ରାବଣ ପୂର୍ଣ୍ଣିମାର ଏହି ରକ୍ଷା ବନ୍ଧନ ପର୍ବ। ମନାନ୍ତର, ମତାନ୍ତର, ତିକ୍ତତା ଓ ବୈରଭାବକୁ ଦୁର କରି ଏହା ସ୍ନେହ, ଶ୍ରଦ୍ଧା ଓ ମମତାର ପବିତ୍ର ବନ୍ଧନରେ ବାନ୍ଧି ଦିଏ ସମଗ୍ର ବିଶ୍ୱକୁ। ମାନବ ଜାତି ଓ ପ୍ରକୃତି ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଜଣକୁ ଛାଡ଼ି ଅନ୍ୟ ଜଣଙ୍କର ପରିକଳ୍ପନା କରାଯାଇ ପାରିବ ନାହିଁ। ପ୍ରକୃତିକୁ ସୁନ୍ଦର, ସବୁଜ କରିବା ପାଇଁ ବୃକ୍ଷର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ମହାନୀୟତାକୁ ମନେପକାଇବା ପାଇଁ ଆଜି ପବିତ୍ର ରକ୍ଷାବନ୍ଧନ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ନିକଟସ୍ଥ



ବରୁଣାବନ୍ତ ପାହାଡ଼ ପାଦଦେଶରେ ଥିବା ବୃକ୍ଷ ଗୁଡ଼ିକରେ ରାକ୍ଷୀ ବାନ୍ଧି ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ସମ୍ପର୍କକୁ ନିବିଡ଼ କରିବା ପାଇଁ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ମହିଳା ସ୍ୱେଚ୍ଛାସେବୀମାନେ ବୃକ୍ଷକୁ ଧୁପ, ଦୀପ, ନୈବେଦ୍ୟ, ଚନ୍ଦନ ଦେଇ ବନ୍ଦାପନା କରିବା ସହିତ ସେଥିରେ ରାକ୍ଷୀ ବାନ୍ଧିଥିଲେ। ସଂଗଠନର ସମ୍ପାଦୀକା ଅରୁଣୀ ନନ୍ଦ, ଉପସଭାପତି କନକଲତା ବେହେରା, ସହ ସମ୍ପାଦିକା ସରୋଜିନୀ ପଣ୍ଡା, ସଂଯୋଜିକା କାଦମ୍ବିନୀ ମିଶ୍ର, କୋଷାଧକ୍ଷ କନକଲତା ସାମଲ, ଯୁଗ୍ମ ସମ୍ପାଦକ ହେମା ମାଳିନୀ ସିଂ, ପରିଚାଳନା ସମ୍ପାଦିକା ରଶ୍ମିରେଖା ସ୍ୱାଇଁ, ଗୀତାଞ୍ଜଳି ମିଶ୍ର, ସାଂସ୍କୃତିକା ସମ୍ପାଦିକା ମଧୁମାଳିନୀ ସିଂ, ସୀମାରାଣୀ ବିଶ୍ୱାଳ, ରୋଜି ମିଷ୍ଟ, ଉପଦେଷ୍ଟା କାହ୍ନୁ ଚରଣ ସାହୁ, ପ୍ରକାଶ କୁମାର ନାୟକ, ମଦନ ମୋହନ ପରମାଣିକ, ସୁକାନ୍ତ ଜେନା, ଆଇନଜୀବି ହେମନ୍ତ ମାହାଲା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଲଗାଣ ବର୍ଷାରେ ଜଳକାରେ ଜଳସ୍ତର ବୃଦ୍ଧି

ବାଲେଶ୍ୱର,(ପି.ଏନ): ସାତ ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥରରେ ବର୍ଷା ପାଣି, ବନ୍ୟା ପାଣି ମାଡ଼ି ଲୋକଙ୍କ ଘର ଦ୍ୱାର ଭାଙ୍ଗି ନଷ୍ଟ ହୋଇଯାଇଛି। ଅନେକ ସ୍ଥାନରେ ରାସ୍ତା ଓ ପୋଲ ଭୁଷୁଡ଼ି ଯାତାୟତରେ ବାଧା ସୃଷ୍ଟି ହୋଇଛି। ଜିଲ୍ଲାର ପ୍ରମୁଖ ନଦୀ ବୁଢ଼ାବଲଙ୍ଗ, ସୁବର୍ଣ୍ଣରେଖା ଓ ଜଳକା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଜଳକାର ଜଳସ୍ତର ୫.୫ ମିଟର ହୋଇଥିବା ବେଳେ ବର୍ତ୍ତମାନ ଏହା ୯.୨୧ ପ୍ରବାହିତ ହେଉଛି। ଅନ୍ୟ ଦୁଇ ନଦୀର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ବାଲିଆପାଳ ବ୍ଲକ ଅନ୍ତର୍ଗତ ବୋଲଂ ଗ୍ରାମ ପଞ୍ଚାୟତରୁ ପାଉଁସିଆ ରାସ୍ତାକୁ ସଂଯୋଗ କରୁଥିବା ଆର.ଡି ରାସ୍ତା ବାହ୍ୟଜଗତରୁ ବିଛିନ୍ନ ହୋଇଛି। ଫଳରେ ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟତ କରୁଥିବା ବେଳେ ଦୁଇଚକିଆ ଚାରିଚକିଆ ଯାନ ସହିତ ଦମକଳ, ଆମ୍ବୁଲାନ୍ସ ଯାତାୟତ ଠପ୍ ହୋଇଯାଇଛି।

# ଦେଶ ପ୍ରତି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ବୁଝିବା ପାଇଁ ଯୁବପିଢିଙ୍କୁ ଆହ୍ୱାନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ଭାରତ ଉପରେ ବିଶ୍ୱ ଅନେକ ଅପେକ୍ଷା ରଖିଛି ।ତେଣୁ ଯୁବଶକ୍ତି ନିଜ ଅଧିକାର ବିଷୟରେ ସଚେତନ ହେବା ବେଳେ ଏହି ବିଷୟକୁ ହୃଦୟଙ୍ଗମ କରନ୍ତୁ । ଦେଶ ପ୍ରତି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ବୁଝିବା ସହ ବୈଶ୍ୱିକ ସମସ୍ୟାକୁ ସମାଧାନ କରିବା ପାଇଁ ଅଧିକ ଯତ୍ନଶୀଳ ହେବା ପାଇଁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶୁକ୍ରବାର ନୂଆଦିଲ୍ଲୀ ଠାରେ ଦୁଇଟି ପୃଥକ କାର୍ଯ୍ୟକ୍ରମ "ଯୁବ ସମ୍ବାଦ : ଭାରତ ଅ ୨୦୪୭" ଏବଂ "ବୀରଗାଥା ପ୍ରତିଯୋଗିତା ପୁରସ୍କାର" ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ଶହୀଦ ଭଗତ ସିଂହ, ଶହୀଦ ବାଜି ରାଉତଙ୍କ ଭଳି ଅନେକ ସଂଗ୍ରାମୀ ଆମକୁ ପ୍ରେରଣା ଦେଇ ଆସିଛନ୍ତି । ଭାରତର ସମ୍ପନ୍ନ ସଭ୍ୟତାକୁ ଆଗକୁ ନେବାର ଦାୟିତ୍ୱ ଉର୍ଜାବାନ ଯୁବପିଢିଙ୍କ ଉପରେ ନ୍ୟସ୍ତ ରହିଛି । ଏକବିଂଶ ଶତାବ୍ଦୀରେ ଭାରତୀୟ ପରମ୍ପରା, ମୂଲ୍ୟବୋଧ, ଜ୍ଞାନକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଦାୟିତ୍ୱ ମଧ୍ୟ ନୂଆପିଢ଼ିଙ୍କର । ଯେଉଁ ଆନ୍ତରିକତା ଏବଂ ଆତ୍ମବିଶ୍ୱାସରେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମୀମାନେ ଲଢ଼ିଥିଲେ ସେହି ଆତ୍ମବିଶ୍ୱାସ ଓ ଆନ୍ତରିକତାର ସହ ବର୍ତ୍ତମାନର ଯୁବପିଢି ଅମୃତ କାଳର ଆଗାମୀ ୨୫ ବର୍ଷରେ ଭାରତକୁ ଶିଖରକୁ ନେବା ପାଇଁ ଉଦ୍ୟମ କରିବା



ଆବଶ୍ୟକ ।ଆମ ଯୁବବର୍ଗଙ୍କ ପ୍ରତିଭା, ଦୃଢ଼ ଇଚ୍ଛାଶକ୍ତି ଏବଂ ଆତ୍ମବିଶ୍ୱାସ ପ୍ରେରଣାଦାୟୀ ଓ ଉତ୍ସାହପୂର୍ଣ୍ଣ ।ବିଶେଷ ଭାବରେ ଆମେ ଯେତେବେଳେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଅଛେ ସେହି ସମୟରେ ଯୁବ ବ୍ୟପାର ମନ୍ତ୍ରଣାଳୟ ପକ୍ଷରୁ ଯୁବ ସମ୍ବାଦ ଶୀର୍ଷକ ଆଲୋଚନା ଚକ୍ର ଦେଶରେ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବ । ସେହିପରି ଶିକ୍ଷା ମନ୍ତ୍ରଣାଳୟ ସହଯୋଗରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ 'ଦ ବୀରଗାଥା ପ୍ରକଳ୍ପ ଅଧୀନ'ରେ ବୀର ଗାଥା ପ୍ରତିଯୋଗିତାର ବିଜୟୀ ୨୫ ଜଣ ପ୍ରତିଯୋଗୀଙ୍କୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହଙ୍କ ସହ ମିଶି ସମ୍ବର୍ଦ୍ଧିତ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବୀରଗାଥା ପ୍ରକଳ୍ପ ଯୁବବର୍ଗଙ୍କ ପାଇଁ ଦେଶଭକ୍ତି ଏବଂ ଆମର ହିରୋମାନଙ୍କୁ ସମ୍ମାନ ଦେବାର ଏକ ନୂଆ ପରମ୍ପରା ତିଆରି କରିଛି ।ଶିକ୍ଷା ମନ୍ତ୍ରଣାଳୟ ଖୁବ ଶୀଘ୍ର ବୀରଗାଥା ପ୍ରକଳ୍ପ ଅନ୍ତର୍ଗତ ଏକାଡେମିକ୍ କ୍ରେଡିଟ୍ ପ୍ରଦାନ ପାଇଁ ଏକ ଶିକ୍ଷାନୁଷ୍ଠାନ ଭିତ୍ତିକ ମେକାନିଜିମ ବିକଶିତ କରିବ, ଯେଉଁଥିରେ ପ୍ରତିଯୋଗୀମାନେ ପ୍ରମାଣପତ୍ର ପାଇ ପାରିବେ ।ପିଲାବେଳରୁ 'ଦେଶ ପ୍ରତି ଦାୟିତ୍ୱ ଭାବନାକୁ ଅଧିକ ଉଜାଗର କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ସହ ବିଚାରବିମର୍ଷ କରାଯାଇ ଶିକ୍ଷା ମନ୍ତ୍ରଣାଳୟ ବିଗତ ୭୫ ବର୍ଷର ଆମର ସୈନିକ ମାନଙ୍କର ବୀରତ୍ୱ ଏବଂ ଭାରତର ବୀରଗାଥାକୁ ବିଦ୍ୟାଳୟ ପାଠ୍ୟକ୍ରମ ଓ ପାଠ୍ୟ ପୁସ୍ତକରେ ସାମିଲ କରିବା ପାଇଁ କାର୍ଯ୍ୟ କରିବ ।ସେହିପରି ଦେଶର ସୈନିକଙ୍କ ଗୌରବାର୍ଥ ? ଏହି ସୁପର ୨୫ ପ୍ରତିଯୋଗିତାକୁ ସେନା ସୁପର ୨୫ରେ ନାମକରଣ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଚଳିତବର୍ଷ ୫ ହଜାର ବିଦ୍ୟାଳୟର ୮ ଲକ୍ଷ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜନ କରାଯାଇଥିଲା ।ଆଗାମୀ ଦିନରେ ୧ କୋଟି ସ୍କୁଲ ଛାତ୍ରଛାତ୍ରୀଙ୍କୁ ଯୋଡ଼ିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ କାମ କରିବ ବୋଲି ସେ କହିଛନ୍ତି । "ଯୁବ ସମ୍ବାଦ : ଭାରତ ଅ ୨୦୪୭" କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁରଙ୍କ ସହ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଇଁ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀ ଦେଖିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray